

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ଅପ୍ରେଲ୍ ୨୦୧୮
ମୂଲ୍ୟ : ୨୫ ଟଙ୍କା
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE





***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଷ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, April 2018, Issue No. I
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

### ପ୍ରବନ୍ଧ

- ଭବତଂ ଭିକ୍ଷାଂ ଦେହିରେ କଳଙ୍କ
  ନିଶିକାନ୍ତ ପାଢ଼ୀ ୦୭
- ଶବାଧାର ଓ ପରମ୍ପରା
  ଶୀତଳ କୁମାର ବେହେରା ୧୦

### ଗଳ୍ପ

- ସମୁଦୁଣୀ
  ଲୀଳାବତୀ ମହାପାତ୍ର ୧୫
- ମଣିମାଙ୍କୁ ଚିଠି
  ଶ୍ରୀ ପ୍ରଶାନ୍ତ କୁମାର ନାଥ ୧୬
- ରକ୍ତ
  ଲିପ୍‌ସା ପଟେଲ ୨୦
- ଅନୁଭୂତିରେ ମା' ସାରଳା
  ଗୀତାଞ୍ଜଳୀ ନାୟକ ୨୨
- ଅସପନ ବଣିକ : ନଳିଆ
  ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ୨୫
- ମୁଁ ମକରା ପାଗଳ
  ଡଃ ବିଭୁଦତ୍ତ ଖଣ୍ଡାୟତରାୟ ୨୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ............................................................ ପିନ୍‌କୋର୍ଡ୍ ....................................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................... ତାରିଖ.......................................................

ବ୍ୟାଙ୍କ୍............................................. ସ୍ଥାନ.........................................................

ତାରିଖ.............................................. ଦସ୍ତଖତ....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଭବତଂ ଭିକ୍ଷାଂ ଦେହିରେ କଳଙ୍କ

*- ନିଶିକାନ୍ତ ପାଢ଼ୀ*

ସର୍ବ ଧର୍ମର ସମନ୍ୱୟର ଦେଶ ଭାରତବର୍ଷ । ଯେଉଁଠି ବିଭିନ୍ନତା ଭିତରେ ଏକତା ହିଁ ଆଦର୍ଶ; ଅସହିଷ୍ଣୁତାକୁ ପ୍ରଶ୍ରୟ ଦିଆଯାଏନା । ଜାତି, ଧର୍ମ, ବର୍ଣ୍ଣକୁ ନେଇ କେହି ବିବାଦୀୟ ମନ୍ତବ୍ୟ ରଖିଲେ, ମୁଣ୍ଡ ଗଡେ, ପଦ ପଦବୀ ଚାଲିଯାଏ । ଗଣ ପ୍ରତିବାଦକୁ ସାମନା କରିବାକୁ ହୁଏ । ଆଜି ଓଡିଶାର ଜଣେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ଜୀବନରେ ଅନୁରୂପ ଘଟିଛି । ସାଧାରଣ ସଭାରେ ନେତା ମହୋଦୟ ବ୍ରାହ୍ମଣମାନଙ୍କୁ ଭିକାରୀ କହି ତାଚ୍ଛଲ୍ୟ ଭାବ ପ୍ରକାଶ କରିଛନ୍ତି, ଯାହାକି ଆଜି ବ୍ରାହ୍ମଣମାନଙ୍କର ସଂସ୍କାରବାଦୀର ପଦ 'ଭବତଂ ଭିକ୍ଷାଂ ଦେହି' ପଦରେ କଳଙ୍କ ବୋଳିଛି । କଥାରେ ଅଛି, ବହିଗଲା ପାଣି, ଗୁଣରୁ ଖସିଥିବା ତୀର, ପାଟିରୁ ବାହାରି ଥିବା କଥା; ଏମାନେ ସବୁ ଅଣଲେଉଟା । କହୁ କହୁ ପାଟିରୁ ବାହାରି ପଡିଲା କଥା । ପାଲଟିଗଲା ବିବାଦୀୟ ମନ୍ତବ୍ୟ । କଟାକ୍ଷ ତଥା ବିଦ୍ରୁପ । ପୂର୍ବତନ ମନ୍ତ୍ରୀ, ବରିଷ୍ଠ ନେତା ହୋଇ ମଧ୍ୟ ଲଗାମଛଡା କରିଦେଲେ ତୁଣ୍ଡକୁ । ହାତରେ ଥାଳ ଧରି ଜାତି ଶ୍ରେଷ୍ଠ ବ୍ରାହ୍ମଣମାନଙ୍କୁ ବସାଇ ଦେଲେ ବଡଦାଣ୍ଡରେ । ବସ୍‌ଷ୍ଟାଣ୍ଡରେ ତଥା ଗାଁ ଗଣ୍ଡା ଓ ହାଟ ବଜାରରେ ।

ଭିକ୍ଷା ଏକ ପ୍ରବୃତିରୁ ହୀନ ବୃତିରେ ପରିଣତ ହୋଇଛି । ଭିକ୍ଷା ଶବ୍ଦ ସହିତ ବ୍ରାହ୍ମଣମାନଙ୍କର ଶାସ୍ତ୍ରଗତ ସଂପର୍କ ରହିଛି । ବ୍ରତୋପନୟନରେ ସଂସ୍କାରବେଦିରେ ମୁଣ୍ଡନ କର୍ମ ସମାପ୍ତ ହେବା ପରେ ଯଜ୍ଞୋପବୀତ ଧାରଣକରି କାନ୍ଧରେ ଛତା, ହାତରେ ଗଡୁଧରି ବ୍ରହ୍ମଚାରୀ ବେଶରେ ବ୍ରାହ୍ମଣ ବାଳକ ବାହାରେ ଭିକ୍ଷା ପାଇଁ । ଏହି ଭିକ୍ଷା ଥାଳିରେ ଦାନ ଦେଲେ ବହୁ ପୁଣ୍ୟ ଅର୍ଜନ ହେବାର ବିଶ୍ୱାସ ମଧ୍ୟ ଆମ ସମାଜରେ ରହିଛି । ବ୍ରହ୍ମଚାରୀ ହୋଇ ଶିକ୍ଷା ଆହରଣ କରିବା ଖୁବ୍ କଷ୍ଟ । ବଂଚିବାର ସମ୍ବଳ ଯୋଗାଡ କରିବାକୁ ସମୟ ନ ଥାଏ । 'ଲରେ ଖାଦ୍ୟ, ବସ୍ତ୍ର ତଥା ବାସ ପାଇଁ ଭିକ୍ଷାର ଆଶ୍ରୟ ନେବାକୁ ହୁଏ ବ୍ରହ୍ମଚାରୀଙ୍କୁ । ଭାରତବର୍ଷରେ ଅନେକ ସାଧୁ ସନ୍ଥ, ମୁନିଋଷିମାନେ ଜନ୍ମ ନେଇଛନ୍ତି । ଯେଉଁମାନେ କି ଭିକ୍ଷା ଉପରେ ନିର୍ଭର କରି ନିଜର ଜୀବନ ନିର୍ବାହ କରିବା ସହିତ ମଣିଷମାନଙ୍କୁ ଆଦର୍ଶ ମାର୍ଗ ଦେଖାଇପାରିଛନ୍ତି । ଇତିହାସ ପୃଷ୍ଠାରୁ ଆମେ ଜାଣୁ, ଛତ୍ରପତି ଶିବାଜୀ ଗୁରୁଙ୍କ ପାଇଁ ଭିକ୍ଷାକରି ଜଣେ ଆଦର୍ଶ ରାଜା ହୋଇପାରିଥିଲେ । ପୁରାଣ ପୃଷ୍ଠାରେ ଗୁରୁଙ୍କ ପାଇଁ ଉପମନ୍ୟୁ ଭିକ୍ଷାକରି କିପରି ଗୁରୁଙ୍କ ଆଶୀର୍ବାଦ ପାଇ ପାରିଥିଲେ, ତାହା ବର୍ଣ୍ଣନା କରାଯାଇଛି । ବୌଦ୍ଧଧର୍ମର ବୁଦ୍ଧ ଭିକ୍ଷୁମାନଙ୍କୁ ଥାଇଲାଣ୍ଡରେ ଦେବ ସମ୍ମାନ ସହିତ ଗଭୀର ଭକ୍ତି ଓ ସ୍ନେହର ସହିତ ଭିକ୍ଷା ଦିଆଯାଇଥାଏ । ଭିକ୍ଷା ଦେଲେ ମହାପୁଣ୍ୟ ମିଳେ – ଏ କଥାକୁ ହୃଦୟଙ୍ଗମ କରି ସେ ଦିନ ସୀତାଦେବୀ ଲକ୍ଷ୍ମଣଗାର ଡେଇଁ ବ୍ରାହ୍ମଣରୂପୀ ରାବଣ ରାଜାଙ୍କୁ ଭିକ୍ଷା ବଢାଇ ଦେଇଥିଲେ । ଗର୍ବି ତଥା ଅହଂକାରୀ ବଳି ରାଜାଙ୍କୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ଭଗବାନ ବାମନ-ବ୍ରାହ୍ମଣ ଅବତାରରେ ରାଜାଙ୍କୁ ତିନି ପାଦ ଭୂମି ଭିକ୍ଷା ମାଗିଥିଲେ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳଗାମୀ କରାଇଥିଲେ । ତେଣୁ ଭିକ୍ଷାର ପରମ୍ପରା ଦେବଲୋକଠାରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ବ୍ୟାପିଛି । ତେବେ ସେତେବେଳର ଭିକ୍ଷା ଏବଂ ବର୍ତମାନର ଭିକ୍ଷା ମଧ୍ୟରେ ଆକାଶ ପାତାଳ 'ରକ । ବର୍ତମାନର ଭିକ୍ଷା କହିଲେ ଏକ ହୀନ ବୃତି । ହୀନ ପ୍ରବୃତି କିଛି କର୍ମ ନ କରି ମାଗିବାର ହୀନ ମାନସିକତା । ଯେଉଁ ମଣିଷ ଏ ସବୁକୁ ଆପଣେଇ ନିଏ ସେ ହେଉଛି ଭିକାରୀ । ଯେତେବେଳେ ବ୍ରାହ୍ମଣ ବାଳକ ଉପନୟନ ସମୟରେ ଭବତଂ ଭିକ୍ଷାଂ ଦେହି କହି ଭିକ୍ଷା ମାଗୁଥିଲା, ସେ ଭିକାରୀ ନ ଥିଲା । ଭିକ୍ଷା ମାଧ୍ୟମରେ ସେ ସଂଗ୍ରହ କରୁଥିଲା ସହଯୋଗ, ସ୍ନେହ, ପ୍ରେମ, ଆଉ ଗୁରୁଜନମାନଙ୍କର ଆଶୀର୍ବାଦ ।

ସାଂପ୍ରତିକ ସମାଜରେ ବ୍ରାହ୍ମଣମାନେ ଖୁବ୍ ଅବହେଳିତ ଭାବେ ବସବାସ କରୁଛନ୍ତି । ସରକାରଙ୍କର ସଂରକ୍ଷଣ ନୀତିର ବ୍ରାହ୍ମଣମାନେ ଉପେକ୍ଷିତ ହୋଇଛନ୍ତି । ଗୀତା ଶାସ୍ତ୍ର ଅନୁସାରେ ଭଗବାନ କର୍ମ ଅନୁଯାୟୀ ଜାତି

ସୃଷ୍ଟିକରିଛନ୍ତି । ଜାତି ଶ୍ରେଷ୍ଠ ଜାତି ସୃଷ୍ଟି କରିଛନ୍ତି । ଜାତି ଶ୍ରେଷ୍ଠ ବ୍ରାହ୍ମଣମାନେ ଦେବ ଉପାସକ ତଥା ସମାଜର ମଙ୍ଗଳକାରୀ ଅଟନ୍ତି । ବ୍ରାହ୍ମଣମାନେ ମନ୍ତ୍ର ପାଠ ନ କଲେ ଗୃହ ପ୍ରତିଷ୍ଠା ହୋଇପାରେନା । ପରଲୋକଗତ ପିତାମାତା ପିଣ୍ଡ ପାଣି ପାଆନ୍ତି ନାହିଁ । ଦେବାଦେବୀମାନେ ‘ୁଲ ପାଣି ପାଇପାରନ୍ତିନି । ସମାଜରେ ବିଭିନ୍ନ ଜାତିର ଲୋକ ବିଭିନ୍ନ କର୍ମକରନ୍ତି । କିଏ ମାଟି ହାଣେ ତ କିଏ ହଳ କରେ । କିଏ ବଢେଇ କାମ କରେ ତ କିଏ କମାର ହୋଇ ଲୁହା ପିଟେ । ଆଉ କିଏ ଲୁଗା କାଟେ । କେଶ କାଟେ । ସମସ୍ତଙ୍କର କାମର ନିର୍ଦ୍ଦିଷ୍ଟ ମୂଲ୍ୟାୟନ ଥାଏ । କିଏ କେତେ ପ୍ରକାରେ କାମରେ ଠକେ । ମାତ୍ର ଘର ଓ ପରିବାରକୁ ବ୍ରାହ୍ମଣଟିଏ ଆସି ଆଶୀର୍ବାଦର ଅରୁଆ ଚାଉଳ ଛିଂଚେ, ଶାନ୍ତିପାଠ କରେ । ପରିବାରର ମଙ୍ଗଳ ତଥା ଯଜମାନର ମନୋବାଂଛା ପୂର୍ଣ୍ଣ ପାଇଁ ଠାକୁରଙ୍କୁ ଗୁହାରି କରେ । ପଂଚାମୃତ, ତୁଳସୀ, ବେଲପତ୍ର ଭକ୍ତର ହାତରେ ଦେଇ ସର୍ବପାପ ବିନାଶ ହେଉ ବୋଲି କୁହେ । ମିଛ ହେଉ ବା ସତ ହେଉ ମଣିଷର ମନରେ ଆତ୍ମବିଶ୍ୱାସ ଆସେ । ବଂଚିବାର ରାହା ମିଳେ, ଦୁଃଖ ସବୁ ଧୋଇଗଲା ପରି ଲାଗେ । ହେଲେ ହିସାବ ନ ଥାଏ, ବ୍ରାହ୍ମଣଙ୍କ କର୍ମର, ଦାବି ବି ନ ଥାଏ, ଯିଏ ଯାହା ଦେଲା । ଏଇଥି ପାଇଁ ବ୍ରାହ୍ମଣମାନେ ସବୁବେଳେ ଗରିବ । ଗରିବମାନେ ତ ହାତ ପତାନ୍ତି । ଗରିବମାନେ ତ ବସଷ୍ଟାଣ୍ଡ, ରେଳଷ୍ଟେସନ, ହାଟ ବଜାର ବୁଲନ୍ତି । ମାନ୍ୟବର ନେତା କହୁ କହୁ ଏହି ଅପ୍ରିୟ ସତଟିକୁ ବାନ୍ତିକରି ଦେଇଛନ୍ତି । ଆଉ କ’ଣ ଢୋକି ହେବ ?

ତେବେ ପ୍ରଶ୍ନ ଉଠେ ଗୋଟିଏ ଶ୍ରେଷ୍ଠଜାତିର ଦାରିଦ୍ର୍ୟତା ପାଇଁ ଦାୟୀ କିଏ ? କାହିଁକି ବ୍ରାହ୍ମଣମାନେ ଗରିବ ? କାହିଁକି ବ୍ରାହ୍ମଣମାନେ ଆଜି ସମାଜରେ ଅବହେଳିତ ଓ ଉପେକ୍ଷିତ ? ବ୍ରାହ୍ମଣମାନେ ଦେବ ସେବକ ହୋଇଥିବାରୁ ଅନ୍ୟପ୍ରକାର କର୍ମ କରିବାକୁ ସମ୍ଭବତଃ ସେମାନଙ୍କୁ ସମୟ ମିଳି ନ ଥାଏ । ଅନେକ ବ୍ରାହ୍ମଣ ବିବାହ, ବ୍ରତ, ଯଜ୍ଞ, ଶ୍ରାଦ୍ଧ, ଶୁଦ୍ଧି ଆଦି କର୍ମ ସଂପାଦନ ପୂର୍ବକ ଦି’ ପଇସା ରୋଜଗାର କରିଥାନ୍ତି । ଏହିସବୁ କର୍ମ ବର୍ଷସାରା ମିଳି ନ ଥାଏ, କି ଏପରି ପୁରୋହିତ କର୍ମମାନଙ୍କର ଜନମାନସରେ ନିର୍ଦ୍ଦିଷ୍ଟ ମୂଲ୍ୟାୟନ ମଧ୍ୟ ହୋଇ ନ ଥାଏ । ଯାହା‘ଲରେ ବର୍ତ୍ତମାନର ଦରବୃଦ୍ଧି ବଜାରକୁ ନେଇ ଜଣେ ବ୍ରାହ୍ମଣ ତାର ପରିବାରକୁ ଖୁବ୍ କଷ୍ଟରେ ଚଳାଇଥାଏ । ତା


AK PHYSICS

Apprise Education, Reprise Innovation

+2 Sc. | CBSE (XI & XII)

JEE (Main & Adv.) | NEET | AIIMS

JIPMER | BHU | KVPY

NTSE | OLYMPIAD | NISER | IISER



SURYALOKA LANE, CHANDI CHHAK, CUTTACK

ARUN KUMAR SINGH (Lect. in Physics), MOB. : 98610 65130

ଛଡା ଯେଉଁ ପରିବାର (ବ୍ରାହ୍ମଣ) ଗୁଡିକରେ ପିଲାମାନେ ଉଚ୍ଚଶିକ୍ଷିତ ହେବାର ସ୍ୱପ୍ନ ଦେଖନ୍ତି, ଝିଅ ପୁଅମାନେ ବିବାହ ବୟସରଙ୍କ ଉପନୀତ ହୁଅନ୍ତି, ସେ କ୍ଷେତ୍ରରେ ଦାରିଦ୍ର୍ୟ ଏକ ଅଜଗର ସାପ ହୋଇ ମାଡିବସେ । ଦେଶ ଓ ରାଜ୍ୟରେ ବ୍ରାହ୍ମଣମାନେ ଅନେକ ଉଚ୍ଚ ପଦବୀରେ ରହି ଦେଶକୁ ସେବା ଯୋଗାଇ ଦେବାର ଦାୟିତ୍ୱ ପାଇଥିଲେ ମଧ୍ୟ ଦାରିଦ୍ର୍ୟରେ ନିଷ୍ପେସିତ ହେଉଥିବା ବ୍ରାହ୍ମଣମାନେ ସମାଜ ବିଷୟରେ କେହି କେବେ ଚିନ୍ତା କରିନାହାନ୍ତି । ନିଜେ ଚର୍ଚ୍ଚିତ ନେତା ମହୋଦୟ ମନ୍ତ୍ରୀ ଥିବାବେଳେ ବ୍ରାହ୍ମଣଙ୍କର ଅବସ୍ଥା ବିଷୟରେ ସଚେତନ ଥାଇ କେବଳ ବିଦ୍ରୁପ କରିଛନ୍ତି ସିନା, ସତର ବର୍ଷର ଶାସନ ଭିତରେ କେବେ ବି ଥରେ ବୁଝିବାକୁ ଚେଷ୍ଟା କରିନାହାନ୍ତି ଗୋଟିଏ ଜାତିର ଅନ୍ତର ତଳର ବେଦନାକୁ । ତଥାପି ବେଦ ତଥା ଦେବ ଉପାସକମାନେ କେବେ ନିଜର ସ୍ୱାଭିମାନକୁ ଦଳି ଦେଇନାହାନ୍ତି । କିଏ କଣ କହିପାରେ । କିଏ କଣ ବୁଝିପାରେ, ମାତ୍ର ସନାତନ ଧର୍ମର ଋଷି ଓ ମହର୍ଷିମାନେ ହେଉଛନ୍ତି ନୈଷ୍ଠିକ ବ୍ରାହ୍ମଣ ଜାତି । ଯେ ପର୍ଯ୍ୟନ୍ତ ଏ ସମାଜରେ ଦିଅଁ, ଦେବତା ଓ ମନ୍ତ୍ର ପ୍ରତି ମଣିଷର ବିଶ୍ୱାସ ଥିବ, ଭକ୍ତି ଥିବ, ସେ ପର୍ଯ୍ୟନ୍ତ ଏ ସମାଜ ବ୍ରାହ୍ମଣମାନଙ୍କୁ ଖୋଜୁଥିବ । ବ୍ରାହ୍ମଣ ଶବ୍ଦଟି ଜାତିଆଣ ଭାବକୁ ନେଇ ବିଭେଦ ସୃଷ୍ଟି କରେନା । ମଣିଷ ଓ ଈଶ୍ୱରଙ୍କ ମଧ୍ୟରେ ବ୍ରାହ୍ମଣ ଏକ ସମନ୍ୱୟ ତଥା ଏକ ମଧୁର ସଂପର୍କ । ମଣିଷର ପୁଷ୍ପ, ‘ଳ ତଥା ଭୋଗର ନୈବେଦ୍ୟ ସବୁ ବ୍ରାହ୍ମଣଙ୍କର ମନ୍ତ୍ରପାଠ ଓ ସ୍ପର୍ଶରେ ଈଶ୍ୱରଙ୍କ ନିକଟରେ ପହଂଚି ଯାଏ । ବ୍ରାହ୍ମଣଙ୍କର ମନ୍ତ୍ରପାଠରେ ମନ ଓ ହୃଦୟ ସବୁ କେମିତି ପବିତ୍ରଭାବ ଓ ଦିବ୍ୟ ଚେତନାରେ ଉଦ୍‌ବୁଦ୍ଧ ହୋଇଉଠେ । ବ୍ରାହ୍ମଣଙ୍କର ସ୍ୱସ୍ତିବାଣୀରେ ଜୀବନ ସବୁ ଆଶ୍ୱସ୍ତ ହୋଇଉଠେ । ତେଣୁ କୌଣସି ପ୍ରେରିପ୍ରେକ୍ଷୀରେ ବ୍ରାହ୍ମଣମାନଙ୍କ ବୃତିକୁ ନେଇ କେବେ କଟାକ୍ଷ କରାଯାଇ ନ ପାରେ । ତେବେ ଦୁଃଖର ବିଷୟ କେତେକ ବ୍ରାହ୍ମଣମାନେ ଏବେ ନିଜର କୌଳିକ ବୃତିକୁ ଭୁଲି ଅନ୍ୟ କର୍ମରେ ନିଜକୁ ନିୟୋଜିତ କରି ଅର୍ଥ ଉପାର୍ଜନ କରୁଛନ୍ତି । ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି କେତେକ ବ୍ରାହ୍ମଣ ନିଜର ସଂସ୍କୃତି, ପରମ୍ପରା ତଥା ନୀତି ଓ ଆଦର୍ଶକୁ ମଧ୍ୟ ଭୁଲିଗଲେଣି । ବ୍ରାହ୍ମଣମାନଙ୍କଠାରେ ନିଷ୍ଠାପରତା ତଥା ଏକତା ଭାବର ଘୋର ଅଭାବ ପରିଲକ୍ଷିତ ହେଉଛି । ‘ଳରେ ବ୍ରାହ୍ମଣମାନଙ୍କର ବୃତି ତଥା ରୀତିନୀତି ପ୍ରତି ଲୋକମାନଙ୍କ ବିଦ୍ରୁପଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଇସ୍‌ଲାମି ତଥା ଖ୍ରୀଷ୍ଟିୟାନମାନେ ନିଜର ଧର୍ମକୁ ଯେପରି ସମ୍ମାନ ଦିଅନ୍ତି ସନାତନ ଧର୍ମର ହିନ୍ଦୁ ସମାଜରେ କିଛିଟା ଅଭାବବୋଧ ମନେହୁଏ । ମୁସଲମାନମାନେ ସ୍ଥାନ-କାଳ-ପାତ୍ର ପ୍ରତି ଗୁରୁତ୍ୱ ନ ଦେଇ ନମାଜ ପାଠ କରିଥାନ୍ତି । ଖ୍ରୀଷ୍ଟିଆନ୍ ପରିବାରରେ ଚର୍ଚ୍ଚକୁ ଯିବା ବାଇବେଲ୍ ପାଠ କରିବାକୁ ଏକ ପବିତ୍ର କର୍ମ ରୂପେ ମନେ କରାଯାଇଥାଏ । କିନ୍ତୁ ଆଜିର ବ୍ରାହ୍ମଣମାନେ ତ୍ରିକାଳ ସନ୍ଧ୍ୟା, ଗାୟତ୍ରୀ ଜପ କରିବାକୁ ସମୟ ଦେଉନାହାନ୍ତି । ଯିଏ ଯେ କୌଣସି କର୍ମ କରୁ ଅଥବା ଯେ କୌଣସି ପଦପଦବୀରେ ଥାନ୍ତୁ ନା କାହିଁକି ନିଜର କୌଳିକ ବୃତି ତଥା ନିଜର ସଂସ୍କୃତି, ଆଦର୍ଶ ଓ ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ । ତେବେ ଗରିବ ହେଉ, ଧନୀ ଅଥବା ଉଚ୍ଚପଦ ପଦବୀର ମର୍ଯ୍ୟାଦାବାନ୍ ବ୍ୟକ୍ତି ହୁଅନ୍ତୁ, ଯଦି ବ୍ରାହ୍ମଣ, ତେବେ ତ୍ରିକାଳ ସଂଧ୍ୟା କରନ୍ତୁ । ଦିନକୁ ଥରେ ଗାୟତ୍ରୀ ଜପ କରନ୍ତୁ । ଦେଶ ସମାଜର ଉନ୍ନତି ପାଇଁ ସୂର୍ଯ୍ୟଦେବତାଙ୍କୁ ଜଳ ତର୍ପଣରେ ନିବେଦନର ଭକ୍ତି ଅର୍ଘ୍ୟ ଢାଳନ୍ତୁ । ବ୍ରାହ୍ମଣମାନେ କେବଳ ଆଧ୍ୟାତ୍ମିକତାର ପ୍ରଦୀପରେ ଜ୍ଞାନର ଆଲୋକ ‘ୁଟାଇ ପାରିବେ । ବ୍ରାହ୍ମଣ ସମାଜର ଉନ୍ନତି ପାଇଁ ସରକାର ଜନସାଧାରଣ ଆନ୍ତରିକତାର ସହିତ ଚେଷ୍ଟା କରନ୍ତୁ । ସନାତନ ଧର୍ମରେ ଦୀକ୍ଷିତ ସମାଜ ବ୍ରାହ୍ମଣ ସମାଜକୁ ଉପେକ୍ଷିତ କରି କେବେ ପାଦେ ଆଗକୁ ଯାଇପାରିବ ନାହିଁ ।

ବିବାଦୀୟ ମନ୍ତବ୍ୟ ପାଇଁ ନେତାଙ୍କ ମନ୍ତ୍ରୀପଦ କାଢି ନିଆଗଲା । ଦଳୀୟ ପଦପଦବୀକୁ ବିଦା କରାଗଲା । ଏହା ବିକୃତ ମାନସିକତାକୁ ବଦଳାଇବାର ଉପଯୁକ୍ତ ପନ୍ଥା ନୁହେଁ । ରାଜନୈତିକ ଖେଳରେ ଭବିଷ୍ୟତରେ ଅନେକ ନେତା, ମନ୍ତ୍ରୀ ସରକାରଙ୍କର ପଦପଦବୀକୁ ଆସିପାରନ୍ତି । ତେବେ ବ୍ରାହ୍ମଣମାନଙ୍କର ବୃତି, ଜୀବିକା ତଥା ଜୀବନ ଆଦର୍ଶକୁ ନେଇ କେହି କଟାକ୍ଷ ନ କରୁ କି କେହି ବିଦ୍ରୁପ କି ତାଚ୍ଛଲ୍ୟ ନ କରୁ । ବ୍ରାହ୍ମଣମାନଙ୍କର ସର୍ବଶ୍ରେଷ୍ଠ ଶାସ୍ତ୍ର ପଦ - ଭବତଂ ଭିକ୍ଷାଂ ଦେହିରେ କଳଙ୍କ ନ ଲାଗୁ ।

ନନ୍ଦିଗ୍ରାମ, ନାଉଗାଁ ହାଟ, ଜଗତସିଂହପୁର

# ଶବାଧାର ଓ ପରମ୍ପରା

*- ଶୀତଳ କୁମାର ବେହେରା*

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ତାର ସୃଷ୍ଟି, ସ୍ଥିତି ଓ ଲୟ । ସାମାଜିକ କୌଳିକ ପ୍ରଥା, ସାମାଜିକ ସଂସ୍କୃତି, ସାମାଜିକ ପରମ୍ପରା, ସାମାଜିକ ଚଳନିକୁ ପାଥେୟ କରି ସେ ଉତ୍ସର୍ଗ କରେ ତା'ର ଜୀବନ, ସମାଜରେ ବାସ କରୁଥିବା ସବୁ ବର୍ଗର/ ଜାତିର ଲୋକଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ରୂପକ ସମ୍ବୋଧନ କରେ ଭାଇ, ଦାଦା, ମଉସା, ଅଜା ଇତ୍ୟାଦି । ସେଥିରେ ବ୍ୟକ୍ତିର ମାନ ବୃଦ୍ଧି ହୁଏ ଜଣେ ସଭ୍ୟ, ଶିକ୍ଷିତ, ଭଦ୍ର ବ୍ୟକ୍ତି ବୋଲି । ଜଣେ ଖଣ୍ଡାୟତ ଘରର ପୁଅ ପଡ଼ୋଶି ରଜକ ଘରରବ୍ୟକ୍ତିକୁ ଦାଦା ସମ୍ବୋଧନ କରି ଡାକିବାରେ କେଡ଼େ ମହାନତା ପ୍ରତିପାଦିତ ହୋଇ ପାରୁଛି । ଓଡ଼ିଶାର ହିନ୍ଦୁ ସମାଜରେ ଏହାର ଗୁରୁତ୍ୱ ବେଶ ଉପଲବ୍ଧ । ଜଣେ ପଡ଼ୋଶିର ସୁଖ ଦୁଃଖର ସାଥି ହୋଇ ଚଳିବା ହେଉଛି ଓଡ଼ିଆ ପରମ୍ପରା । ମାନବ ଜୀବନ କେବଳ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହଁ । ତାହା ପରମାର୍ଥ ପାଇଁ, ଶାନ୍ତି ପାଇଁ, ସମୃଦ୍ଧି ପାଇଁ । ପ୍ରତ୍ୟେକ ଜୀବନକୁ ସାକାର କରିବା ହେଉଛି ମାନବ ଧର୍ମ ।

ହିନ୍ଦୁଜାତିର ପୂର୍ବ ପୁରୁଷମାନଙ୍କର କାର୍ଯ୍ୟାବଳି, ଚଳନି, ପରମ୍ପରାକୁ ଅଗ୍ରାଧିକାର ଦିଆଯାଏ । ସେଥିରୁ ମିଳେ ଅହେତୁକ ଆନନ୍ଦ । ମନରେ ଆସେ ଶୁଦ୍ଧତା ଓ ପବିତ୍ରତା । ପରିବାରର ସମସ୍ତ ସଦସ୍ୟ ଜେଜେ ବାପାଙ୍କ ପୋଥି ଖୋଜି ସନ୍ଧାନ କରନ୍ତି ପରମ୍ପରା ଓ ଚଳନିର ନମୁନା । ଶ୍ରାଦ୍ଧ ଉତ୍ସବ ହେଉ, ପୂଜା ପଦ୍ଧତି ହେଉ ଠିକ୍ ବାଟରେ କରାଯିବା ବିଧେୟ । ସେଥିରେ ମନର ପବିତ୍ରତା ଆସେ । ଆଧୁନିକ ଯୁଗର ଯୁବପିଢ଼ି ସେ ସବୁକୁ ଅନ୍ଧ ବିଶ୍ୱାସ ବୋଲି ଆଖ୍ୟା ଦିଏ । ଏପରିକି ସେମାନେ ଠାକୁରଙ୍କୁ ବିଶ୍ୱାସ କରୁନାହାନ୍ତି । ସବୁ ଗୁଡ଼ିକ କେବଳ ବିଜ୍ଞାନ ବଳରେ ସମ୍ଭବ । ଆଉ ମଧ ଯୁକ୍ତି କରୁଛନ୍ତି ତାହା ବିଲେଇ ବାନ୍ଧି ଶ୍ରାଦ୍ଧ କରିବା । ଶ୍ରେଣୀରେ ବିଜ୍ଞାନ ଶିକ୍ଷକ କହିଲେ ପୃଥିବୀରେ ଯାହା କିଛି ସମ୍ଭବ ହେଉଛି ତାହା କେବଳ ବିଜ୍ଞାନ ବଳରେ । ସେ ପିଲା ଘରକୁ ଫେରିବା ପରେ ମାଆ ଗୁରୁବାର ମାଣବସା କାର୍ଯ୍ୟ କରୁଅଛି । ସେ ଯେଉଁ ମାଣରେ ମୁଢ଼ି ଖାଉଥିଲା ମାଆ ତାକୁ ଧୋଇ ଧାଇ ଧାନ ମାଣେ ପୁରାଇ ନାଲି ଛିଟ କନାଟି ଢାଙ୍କ, ଫୁଲ ଦିଟା କଉଡ଼ିଟି ଥାପି କହୁଛି । ଧନରେ ଏ ହେଉଛି ଲକ୍ଷ୍ମୀ ଠାକୁରାଣୀ, ତାଙ୍କୁ ମୁଣ୍ଡିଆ ମାର । ଏ ଆମ ଘରର ଧନ ସମ୍ପତି ବଢ଼ାଇବେ । ବିନା ଦ୍ୱିଧାରେ ପିଲାଟି ମାଆଙ୍କ ଉକ୍ତି ପାଖରେ ପ୍ରତିବାଦ କରିବାର ଜୁ ନାହିଁ । ସେ ମାଆଙ୍କର ଉକ୍ତିକୁ ସମ୍ମାନ ଦେଉଛି ।

ମାନବର ଜନ୍ମ ଓ ମୃତ୍ୟୁ ଧ୍ରୁବ ସତ୍ୟ । ଜନ୍ମରେ ଆତ୍ମବିହୋର, ମୃତ୍ୟୁରେ ମ୍ରିୟମାଣ ।

ଭାଗବତ ବାଣୀ- "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ ।"

ହିନ୍ଦୁ ଧର୍ମ ଅନୁସାରେ ଜଣେ ବ୍ୟକ୍ତିର ମୃତ୍ୟୁରେ ଆମକୁ ପାରମ୍ପରିକ ଅନୁସାରେ ବିଧିବିଧାନ ଅନୁକରଣୀୟ । ସେଥିରୁ ବିଚ୍ୟୁତ ହେଲେ ଆମ ମନରେ ପାପ ଘୋଟିବ । ଆମର ଅମର ଆତ୍ମାଟି ଶାନ୍ତି ଲଭି ପାରିବ ନାହିଁ ବୋଲି ଆମର ବିଶ୍ୱାସ । ଶରୀର ମଧରୁ ଜୀବ ଚାଲିଗଲା ପରେ ତାହା ହୋଇଗଲା ଶବ । ସେଉଠୁଁ ଲୋଡ଼ା ପଡ଼ିବ ପଡ଼ୋଶୀ ମାନଙ୍କ ଭିତରେ ଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର । ତାଙ୍କ ଠାରୁ ଉପଯୁକ୍ତ ପରାମର୍ଶ ଗ୍ରହଣ କରି ଶବ ପୋତାଯିବ କିମ୍ବା ପୋଡ଼ାଯିବ । ଶବଟି ମଡ଼ାରେ ପରିଣତ ହୋଇଗଲା । ଜଣେ ବ୍ୟକ୍ତି ମଡ଼ାକୁ ଜଗିବସିବାକୁ ବାଧ । ତାକୁ ଏକୁଟିଆ ଛାଡ଼ି କେଉଁ ଆଡ଼େ ଯାଇ ହେବ ନାହିଁ । ନିଜର

ପରିବାର, ବଂଧୁ ବାନ୍ଧବ, ସାଙ୍ଗ ସାଥି ଆସି ଶେଷ ଦର୍ଶନ ନ କରିବା ପର୍ଯ୍ୟନ୍ତ ତାହା ପଦାକୁ ଯାଇପାରିବ ନାହିଁ । ଏପରିକି ଶବର ଏକାନ୍ତ ନିଜର ବ୍ୟକ୍ତି (ପୁଅ, ବାପ, ମାଆ, ଭାଇ, ଭଉଣୀ) ଦୂରରୁ ଆସିବା ପର୍ଯ୍ୟନ୍ତ ବରଫ ପୋଲିଥିନ୍ କିମ୍ବା କଫିନ୍‌ରେ ରକ୍ଷା ପାଏ ।

ଶବାଧାର ପ୍ରସ୍ତୁତ କରିବା ଏକ ନିଆରା ପରମ୍ପରା । ମୁଁ ଏଠାରେ ଗ୍ରାମାଂଚଳ କଥାକୁ ଉଲ୍ଲେଖ କରିବାକୁ ଯାଉଛି । ସହରାଂଚଳ କିମ୍ବା ସ୍ୱର୍ଗଦ୍ୱାର କଥା ନୁହଁ । ସର୍ବ ପ୍ରଥମେ ରଜକକୁ ଏବଂ ନାପିତକୁ ଖବର ପଠାଇ ଡକାଇବାକୁ ପଡ଼ିବ । ଶବ ଯେଉଁଥିରେ ମଶାଣିକୁ ଯିବ ତାକୁ କୁହନ୍ତି କୁକେଇ । କୁକେଇଟି ଛଅ ଖଣ୍ଡି ବାଉଁଶ ବା କାଠରେ ତିଆରି ହେବ । ସେ କଂଚା ବାଉଁଶଟିକୁ ରଜକ କାଟିବ । ତା ପରେ ସଂଗ୍ରହ ହେବ ନୂତନ ବସ୍ତ୍ର "ଯୋଡ଼/ ଶାଢ଼ୀ, ସାୟା, ବ୍ଲାଉଜ, କାଚ, ସିନ୍ଦୁର, ଅଳତା, ପାନିଆ, ଫୁଲ ହାର, ଖଇ, କଉଡ଼ି, ଖୁଚୁରା ପଇସା, ଚକୋଲେଟ୍, ଲୁଣ, ତେଲ, ଧୂପ, ଝୁଣା, ଘିଅ, ତୁଳା ଓ କଂଚି । ବୟୋଜ୍ୟେଷ୍ଠ ଲୋକଙ୍କ କଥା ଅନୁଯାୟୀ ନିଜ ଗୃହର ଚାଳରୁ ତିନି ଗଡ଼ିରୁ ଛଅଣ ଅଣାଯାଇ ଓଲଟ ଦଉଡ଼ା ବଳାଯାଏ । ଛଅ ଖଣ୍ଡ ବାଉଁଶକୁ ବାନ୍ଧିବା ପାଇଁ ଆଠ ଖଣ୍ଡ ଛୋଟ ଦଉଡ଼ା ଓ ଖଣ୍ଡିଏ ଲମ୍ବ ଦଉଡ଼ା ବଳାଯାଏ । ସେ ଖଣ୍ଡ ଦଉଡ଼ାଟି ଶବ ଉପରେ ଗୋଡ଼ା ହୋଇ ବନ୍ଧା ଯାଏ । ତାକୁ ଓଲଟାଇ ରଖାଯାଏ ଏବଂ ଜଣେ ବ୍ୟକ୍ତି କେକେଇକୁ ମାଡ଼ି ବସିଥାଏ ଶବ ଆସି ଶୋଇବା ପର୍ଯ୍ୟନ୍ତ ।

"କେତେ ଦିନକୁ ମନ ବାନ୍ଧିଛୁ ଆଂଟ
କି ଘେନି ଯିବୁ ତୋର ଛୁଟିଲେ ଘଟ ।
ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୁତ ।
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା
ଛ ଖଣ୍ଡି କାଠ ତୋତେ ହୋଇବ ଲୋଡ଼ା" ।
(ମନବୋଧ ଚଉତିଶା)(ଭକ୍ତ ଦାସ)

ଆତ୍ମୀୟ ଶୋଜନ ପରିବାର ବର୍ଗଙ୍କ ସହାୟତାରେ ଶବଟିକୁ କୋକେଇ ଉପରକୁ ନିଆଯାଏ । ଶବାଧାରିର ସମସ୍ତ ବ୍ୟବହାରିର୍ଯ୍ୟ ପଦାର୍ଥ ଯଥା ବଟୁଆ, ପାନକୋଟା ନଳ, ବାଡ଼ି, ଚଷମା, ବଙ୍କୁଲି ବାଡ଼ି, ଡାଏରୀ, କଲମ, ମୁଣି, କୋଥଳି ଶବ ପାଖରେ ରଖାଯାଏ । ସେ ଶୋଇବା କୋଠରୀରୁ ମୁଠାଏ ମାଟି ଅଣାଯାଏ । ଗୃହର ବୟସ୍କ ମହିଳା ଗୋବର ଛଡ଼ା ପାଣି ଘର ଓ ବାହାର ପକାନ୍ତି । ହରିବୋଲ ଶବ୍ଦରେ ଗୃହ ପରିବେଶ ପ୍ରକମ୍ପିତ ହୋଇଯାଏ । ପରିବାର ଲୋକଙ୍କର କାନ୍ଦ ବୋବାଳି ପରିବେଶକୁ ଭାବ ଗମ୍ଭୀର କରିତୋଳେ । କିର୍ତ୍ତନ ଦଳଙ୍କର ହରିନାମ ଶବ୍ଦ ଆକାଶ ପ୍ରକମ୍ପିତ କରେ । ଶବକୁ ପୁଷ୍ପମାଳାରେ ଆଚ୍ଛାଦିତ କରି ମୁଠା ମୁଠା ଧୂପ କାଠିର ଧୂମଶିଖା ବାୟୁମଣ୍ଡଳକୁ ଶୁଦ୍ଧ କରିଦିଏ । "ରାମ ରାମ ସତ୍ୟ ହେ, ହରିନାମ ସତ୍ୟ ହେ" । ଧ୍ୱନି ଉଚ୍ଚାରଣ କରି କୁକେଇକୁ ସ୍କନ୍ଧରେ ବହନ କରି ଶଶ୍ମାନ ଅଭିମୁଖେ ଆଗେଇ ଚାଲନ୍ତି । ଶବାଧାରର ସର୍ବଅଗ୍ରରେ ଜଣେ ବ୍ୟକ୍ତି ଫଟା ମାଠିଆଟି, ଖଣ୍ଡିଆ ଝୁଡ଼ିଟି ଧରି ଚାଲେ । ଖଇ କଉଡ଼ି ଧାରଣ କରିଥିବା ବ୍ୟକ୍ତି ବାଟସାରା ବୁଣି ବୁଣି ଯାଏ ।  ଛୋଟ ପିଲାମାନେ ଖଇ କଉଡ଼ି ମଧ୍ୟରୁ ଚକୋଲେଟ, ଖୁଚୁରା ପଇସା ଗୋଟାଇବା ପାଇଁ  ଧସ୍ତା ପେଲା ହେଉଥାନ୍ତି । ଋଣ୍ଡିଭୁତ ଶବାନୁସରଣ ଜନତା ନେତ୍ରରୁ ବାରି ନିର୍ଗତ କରିବା ସଂଗେ ସଂଗେ ଉଚ୍ଚାରଣ କରୁଥାନ୍ତି "ଆହା, ଲୋକଟା ଚାଲିଗଲା" ଏହି ଲୋକମୁଖବାଣୀ ଆତ୍ମାର ସ୍ୱର୍ଗପ୍ରାପ୍ତି ହେବାର ଦୃଷ୍ଟାନ୍ତ ବା ନମୁନା । ଓଡ଼ିଆରେ ଗୋଟିଏ ଲୋକବାଣୀ ଅଛି "କେଉଁ ଲୋକ ମଲେ ସ୍ୱର୍ଗକୁ ଯାଏ, ଆଉ କେଉଁ ଲୋକ ନର୍କରେ ପଡ଼େ", ସ୍ୱର୍ଗ ଓ ନର୍କ ସବୁ ଏ ଧରାପୃଷ୍ଠରେ । ଜନମୁଖେ ହରି, ଆତ୍ମପଦ, ସ୍ୱର୍ଗପ୍ରାପ୍ତି । ସେ ଲୋକ ମରିଛି ଭଲ ହେଇଛି । ବାଟରୁ ଗୋଟେ କଂଟା ଚାଲିଯାଇଛି । ଲୋକ ଟିକେ ଶାନ୍ତିରେ ନିଶ୍ୱାସ ମାରିଲା ଇତ୍ୟାଦି ବାକ୍ୟବାଣ-ନର୍କଗତୀ ।

"ପକାଇ ଆସିବେ ମଶାଣୀ ଭୂଇଁରେ ଦୁଆରେ ଦେବେ ଗୋବର
ମଲା ଗଲା ବୋଲି ଦି, ଘଡ଼ି କାନ୍ଦିବେ ଜଣେ ନ ଯିବେ ସଂଗରେ ।
ଆସିବାର ବେଳେ ଏକାରେ କୁମର ଗଲାବେଳେ ଯିବୁ ଏକା
ମଲେ ତୋର ସଂଗେ ଜଣେ କେ ନ ଯିବେ ଧର୍ମ ଥିଲେ ହେବ ସଖା ।"
(ଟିକା ଗୋବିନ୍ଦଚନ୍ଦ୍ର)

ଶଶ୍ମାନ ହେଉ ବା ନିଜ ପୌତୃକ ଯାଗାରେ ଗାତ ଖୋଳା ଯାଏ । ଚଉଦ ପା ଅର୍ଥ ତିନି ହାତ ଏକ ଚାଖଣ୍ଡ ଲମ୍ବର ଗାତ ଖୋଳାଯିବ । ତଦୃପ ଲମ୍ବର ଗଭୀରତା ହେଉଛି ଗାତଟି । ଗାତଟିକୁ ଧୂପ, ଝୁଣା, ଫୁଲ ଚନ୍ଦନରେ ପ୍ରତିଷ୍ଠା କରି ରଖାଯାଏ । କୋକେଇ ଦେହରୁ ଶବକୁ ଅଲଗା କରି ଚେୟାର କିମ୍ବା ଷ୍ଟୁଲ ଉପରେ ଉପବିଷ୍ଟ କରନ୍ତି । ନାପିତ ଶବକୁ କ୍ଷୌର କରେ । ଶବ ଦେହରୁ ନଖ ଓ କେଶଟିକେ କାଟି ରଖେ । ତାହାକୁ ସଲ କହନ୍ତି । ତାକୁ ଗୋଟିଏ କାଦୁଅ ପେଣ୍ଡୁଳାରେ ଭର୍ତ୍ତି କରି ଗୃହର ବଡ଼ମୁଣ୍ଡକୁ ଦିଅନ୍ତି । ତାହା ନଅ ଦିନ ଧରି ପୂଜା କରାଯାଏ । ଗୋଟିଏ ତିନି କାଠିଆ ଉପରେ ଛୋଟ ମାଟି ପାତ୍ରରେ ରଖି ହଳଦୀ କପଡ଼ାଟି ପଡ଼ି ପୂଜା ହୁଏ । ମୁଖାଗ୍ନି ପ୍ରଦାନ କରି ସଂଧ୍ୟାରେ ଚା ବିସ୍କୁଟ ଏବଂ ସଂଧ୍ୟା ଭୋଜନ ପ୍ରଦାନ କରେ ।

ଶବକୁ ତେଲ, ହଳଦୀ ଲଗାଇ ସ୍ନାନ କରାଯାଏ । ତାପରେ ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା, ଫୁଲ ମାଳ ପିନ୍ଧାଇ ଫଟୋ ଉତୋଳନ କରନ୍ତି । ଶବକୁ ତିନିଜଣ ବ୍ୟକ୍ତି ହସ୍ତରେ ଧାରଣ କରି ଗାତର ଚର୍ତୁପାର୍ଶ୍ୱରେ ସାତ ବେଢ଼ା ପରିକ୍ରମା କରନ୍ତି । ତତ୍‌ପରେ ଗାତ ମଧ୍ୟକୁ ପ୍ରବେଶ କରାନ୍ତି । କଂସା ତାଟିଆରେ ଗୃହର ଶେଷ ଭାତ ଅଣାଯାଇଥାଏ । ବଡ଼ପୁଅ ଶବକୁ ଭାତ ଖୁଆଇ ଦିଏ । ବାପା, ମାଆ- ଭାତ ଖା । ତିନିଥର ବଡ଼ ପାଟିରେ ଉଚ୍ଚାରଣ କରି ଖୁଆଇ ଦିଏ । ତତ୍‌ପରେ ପରିବାରର ଅନ୍ୟମାନେ ଯଥାନୁରୂପେ କାର୍ଯ୍ୟ କରନ୍ତି । ତାପରେ ମୁଖାଗ୍ନିର ବେଳ । ଚାଳରୁ ଓହ୍ଲାଇ ହୋଇଥିବା ଛଅଣ କେରେ ନେଇ ନିଆଁ ଲଗାଇ ଶବର ମୁହଁ ପାଖରେ ବୁଲାଇ ଦିଆଯାଏ । ତାପରେ କଂଚିରେ ଗୋଡ଼ା ଯାଇଥିବା ତୁଳାମୁଣ୍ଡିକୁ ଗୁଆଘୃତରେ ଲଗାଯାଇ ନିଆଁ ଲଗାଇ ପରିବାର ସଦସ୍ୟ ଶବକୁ ପ୍ରଦାନ କରନ୍ତି । ତଦୁପରେ ମୃତିକା ଅର୍ପଣ କାର୍ଯ୍ୟକ୍ରମ । ଉପସ୍ଥିତ ସମସ୍ତ ଜନତା ମୃତିକା ଅର୍ପଣ କରନ୍ତି । ଶବର ଶରୀରକୁ ସୋରିଷ ତେଲରେ ଜର୍ଜରିତ କରି ଲୁଣକୁ ଥାପି ଦିଆଯାଏ । ଶବାଧାରୀର ସମସ୍ତ ଆସବାବ ପତ୍ର ବ୍ୟବହାର୍ଯ୍ୟ ପଦାର୍ଥକୁ ଗାତରେ ଭର୍ତ୍ତି କରିଦିଆଯାଏ । କୌଣସି ପଦାର୍ଥ ଯେପରି ରହି ନଯାଏ । ତାକୁ ତଦାରଖ କରାଯାଏ । ସମାଦିଟିକୁ ତିଆରି ପୂର୍ବରୁ କୋକେଇର ଛ ଖଣ୍ଡି ବାଉଁଶକୁ ଗାତ ମଧ୍ୟରେ ପକାଇ ଦିଆଯାଏ । ଶବଟିର ମୁଣ୍ଡ ଉତ୍ତରଦିଗକୁ ଥାଏ, ବିଣାମୁଠି ବୋଦାଟି ମୁଣ୍ଡ ଥିବା ସମାଦିରେ ବସାଯାଏ । ପାଖରେ ଛିଣ୍ଡା ଝୁଡ଼ି ଓ ମାଠିଆଟିକୁ ରଖିବା ବିଧେୟ । ତାପରେ ସମସ୍ତେ ପୋଖରୀକୁ ଗାଧୋଇବାକୁ ଯାଆନ୍ତି । ଓ ଗାତ ଖୋଳା ଯାଇଥିବା ଶାବଳ, କୋଦାଳ, କୋଡ଼ିକୁ ତେଲ ଲଗାଇ ଧୋଇ ଆଣିବା ବେଳେ ଧାରକୁ ଆଗକୁ ରଖି ଅଣାଯାଏ । ଗୃହରେ ଆସି ପହଂଚିବା ସଂଗେ ବୟସ୍କ ମହିଳା ଗୋଟିଏ ଥାଳିରେ ନିମ ପତ୍ର ଟି ପକାଇ ପାଣି ରଖିଥିବେ । ଏବଂ ପାଖରେ କିଛି ଶୁଖିଲା ମୁଢ଼ି ବା ଚୁଡ଼ା ରଖାଯାଇଥାଏ । ସମସ୍ତ ସଦସ୍ୟ ନିମ ପାଣି ପାଇବାକୁ ବାଧ । ନହେଲେ କାୟା ଅପବିତ୍ର ରହିବ । ତାପରେ ଘରର ବୟୋଜ୍ୟେଷ୍ଠ ନାରୀ ପିତାଭାତ ରାନ୍ଧିବ । ତୁମର ଭାଇ ବଂଧୁ କୁଟୁମ୍ବ, ପଡ଼ୋଶି ପିତା ପାଇବେ । ପିତା ନ ପାଇଲେ ଶୁଦ୍ଧି ହୋଇ ପାରିବ ନାହିଁ ।

ପ୍ରଥମ, ଦ୍ୱିତୀୟ ଦିନ ସେହି ଶୋକାକୁଳ ଅବସ୍ଥାରେ ଅତିବାହିତ ହୁଏ । ତୃତୀୟ ଦିନ

ବଂଧୁବାନ୍ଧବଙ୍କୁ ଖବର କୁହାଯାଏ । କେଉଁମାନେ ନବମ ଦିନରେ ତୁଠକୁ ଯିବେ ଓ କେଉଁ ମାନେ ଆମିଷ ପାଳିବେ । ନବମ ଦିନ ପର୍ଯ୍ୟନ୍ତ ଗୃହରେ ଅକଟା, ଅବଟା ଖାଦ୍ୟ ଖାଇବାକୁ ପଡ଼େ । ମୁଖୁଜିଆ ପ୍ରତ୍ୟେକ ଦିନ ସଲ ପାଖରେ ସମସ୍ତ ଖାଦ୍ୟ ଅର୍ପଣ କରି ନିଜେ ଭୋଜନ କରେ । ନବମ ଦିନ କଟା ପରିବା ରୋଷେଇ ହୁଏ । ଛଅ ଦିନ ବନ୍ଧୁବାନ୍ଧବଙ୍କ ସହ ଆଲୋଚନା କରାଯାଇ ଚିଠା ପ୍ରସ୍ତୁତ କରାଯାଏ । ଏକଦଶାହ କାର୍ଯ୍ୟ କି ପ୍ରକାର ଓ କେତେ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଡ଼ ହେବ । ନବମ ଦିନ ରାତ୍ରିରେ ଗୋଟିଏ ନିଆଁ ବଡ଼ ଯୋଡ଼ା ଯାଇ ରଖା ହୋଇଥାଏ । ଦଶମ ଦିନ ରାତ୍ର ୪ଟାରୁ ଉଠି ମୁଖୁଜିଆ ନିଆଁ ବଡ଼ ଧରି ଏବଂ ଶଲ ହାଣ୍ଡିକୁ ଧରି ପୋଖରୀ ବା ନଦୀକୂଳ କୁ ଯାଇ ବସି ରହେ । ଧ୍ୟାନ ଥାଏ ନିଆଁ ବଡ଼ ଯେପରି ଲିଭି ନ ଯାଏ । ନିର୍ଦ୍ଦିଷ୍ଟ ସମୟରେ ନାପିତ ମାନେ ପୋଖରୀ କୂଳ ପହଂଚି କ୍ଷୌର କାର୍ଯ୍ୟକ୍ରମ ଆରମ୍ଭ କରନ୍ତି । ନିଜର ଭାୟା ମାନଙ୍କ ମଧରେ ଯେଉଁ ବ୍ୟକ୍ତି ବୟୋଜ୍ୟେଷ୍ଠ ତାଙ୍କୁ ଆଗ କ୍ଷୌର ହେବାକୁ ପଡ଼େ । ଯେଉଁମାନେ ସାନ ସେମାନେ ଲଣ୍ଡିତ ମୁଣ୍ଡ ହେବାକୁ ପଡ଼େ । ଶେଷରେ ଜ୍ୱାଇଁ, ଭଣଜା କ୍ଷୌର ହୁଅନ୍ତି । ତାପରେ ମୁଖୁଜିଆ କାର୍ଯ୍ୟକ୍ରମ । ସେଠାକୁ ଜଣେ ସ୍ୱତନ୍ତ୍ର ବ୍ରାହ୍ମଣ ଆସନ୍ତି । ତାଙ୍କୁ ତୁଠିଆ ବ୍ରାହ୍ମଣ କୁହନ୍ତି । ଗୋଟିଏ ଭଙ୍ଗା ଛେଲୁଆରେ ଧାନ ଉଷାଯାଏ । ପୋଖରୀ ଜଳ ମଧରେ ପଶି ଠେକି ପିଟାଯାଇ ଜଳରେ ସାତ ବୋଡ଼ ପକାଇ ସୂର୍ଯ୍ୟକୁ ଜଳ ଟେକାଯାଏ । ସେଠାରୁ ତୁଠ କାମ ସାରି ଘରକୁ ଆସି ପେତ କାର୍ଯ୍ୟ କରାଯାଏ । ତାକୁ ପେତଛଡ଼ା କାର୍ଯ୍ୟ ବୋଲି କୁହନ୍ତି । ତୁଠିଆ ବ୍ରାହ୍ମଣଙ୍କ ସଂଖ୍ୟା ଖୁବ୍ କମ୍ । ତୁଠ କାମ ପରେ ସମସ୍ତେ ଚୂଡ଼ା, ମୁଢ଼ି, ଦହି, ଗୁଡ଼, ଜଳଖିଆ ଖିଆ ଯାଏ ।

ଦଶାହଦିନ ରାତ୍ରରେ ସପରିବାର ବଂଧୁ ବାନ୍ଧବଙ୍କ ସହ ଏକତ୍ର ଭୋଜନ କରନ୍ତି । ଭୋଜନ ଶେଷରେ ମାଲ ଆଟିକା ଯାଏ । ଏହା ଏକ ସୁନ୍ଦର ପରମ୍ପରା । ଭୋଜନ ସମୟରେ ମଡ଼ାଚଣ୍ଡିଆ ଡାହାଣ ପତ୍ରଟି ପେତ ପାଇଁ ପକାଯାଏ । ଏକ ପରସା ଦିଆଯାଏ । ସମସ୍ତ ମଡ଼ାଚଣ୍ଡିଆ ମାନଙ୍କ ପତ୍ରରୁ ଟିକେ ଟିକେ ଖାଦ୍ୟ ସଂଗ୍ରହ କରି ପେତ ପତ୍ରରେ ଦେଇଥାନ୍ତି । ସେ ପତ୍ରଟିକୁ ମୁଖୁଜିଆ ସମାଦି ସ୍ଥାନରେ ଦେଇ ସାରିବା ପରେ ସମସ୍ତେ ଭୋଜନ କରନ୍ତି । ମୁଖୁଜିଆ ଭକ୍ତ ସ୍ଥାନକୁ ଗୋବର ପାଣିରେ ଧୋଇ ପରିଷ୍କାର କରେ । ପରିବାରର ସମସ୍ତ ଲୋକ ଖାଇ ସାରିବା ପରେ ମାଲ ଆଟିକା ପ୍ରସ୍ତୁତ ହୁଏ । କୁମ୍ଭାର ଦୁଇଟି ମଧମ ଧରଣର ଆଟିକା ଦେଇ ଥାଏ । ତାକୁ ଆଣରେ ଲିପା ଯାଏ । ଗବ ବାଡ଼ି ଖଣ୍ଡେ ଅଣାଯାଏ । ରନ୍ଧା ଯାଇଥିବା ସମସ୍ତ ପ୍ରକାରର ଖାଦ୍ୟ ବ୍ୟଞ୍ଜନ ଦୁଇ ଆଟିକାରେ ରଖାଯାଏ । ଗୋଟିଏ ପୋଡ଼ା ମାଛ, ପିଠାଖଣ୍ଡେ, ଅଇନା, ଛିଡ଼ା ବିଂଚଣା, ଛାଂଚୁଣୀ, ତେଲ ଦ୍ୱୀପ ଇତ୍ୟାଦି ଦେଇ ମାଲ ହାଣ୍ଡି ପ୍ରସ୍ତୁତ ହୁଏ । ମାଲହାଣ୍ଡି ଘରୁଯିବା ପୂର୍ବରୁ ବାଲିଘର ତିଆରି ହୁଏ । ବାଲିକୁ ଚଲାଇ, ଉପରି ଭାଗକୁ ଥାଳିରେ ସମାନ କରି ଦ୍ୱୀପଟିଏ ବସାଇ ଏକ ପାଛିଆ ଢାଙ୍କୁଣି ଦିଆଯାଏ । ସେଥିରୁ ଜଣାପଡ଼େ ଆମ ପ୍ରେତ ଆତ୍ମାଟି କେଉଁ ରୂପରେ ପାଦଚିହ୍ନ ପକାଇ ଆମ ଗୃହରୁ ବିଦାୟ ନେଲା । ଏହାର ଅନ୍ୟ ଗୋଟିଏ ସାରମର୍ମ ହେଉଛି ପ୍ରେତ ଆତ୍ମାଟି ଆମ ଗୃହରୁ ସବୁଦିନ ପାଇଁ ଚାଲିଗଲେ । ଆମର ଆଉ ଭୟ ନାହିଁ । କେତଜଣ ବୟସ୍କ ଲୋକଙ୍କୁ ଛାଡ଼ି ସମସ୍ତେ ଶୋଇଯିବେ । ତାପରେ ମୁଖୁଜିଆ ମାଲଆଟିକା ଭାରଟିକୁ କାନ୍ଧରେ ବହନ କରି ପଦାକୁ ଯିବ । ସଂଗରେ କେତେଜଣ ସାହସି ଲୋକ ମାଲ ଆଟିକା ସଂଗରେ ପଦାକୁ ଯିବେ । ହାତରେ ଶକ୍ତ ଠେଙ୍ଗାଟି ନେବାକୁ ଭୁଲିବେ ନାହିଁ । ମାଲ ଭାରଟି କେଉଁ ଜାଗାରେ ବାଜିବ

ନାହିଁ । ତାକୁ ପକାଇବା ସମୟରେ ମୁଣ୍ଡର ଓଲଟ ବାଟରେ ତଳେ ପକାଇବ ଓ ପଛକୁ ନ ଅନାଇ ସମସ୍ତେ ଗୃହକୁ ବାହୁଡ଼ିବେ । ଘରେ କେତେଜଣ ଜାଗ୍ରତ ଥିବେ । ସେମାନଙ୍କ ଭିତରୁ ଜଣେ ଠେଙ୍ଗାରେ ଚାଳ ଉପରେ ପାହାରଟି ଦେବ ।

ଘର ଭିତରୁ ପ୍ରଶ୍ନ ଆସିବ- କିଏ ?

ଆମେ ଗଂଗାକୁଳିଆ ମାଲ ମାହୁନ୍ତ ।

କୁଆଡ଼େ ଯାଇଥିଲ ?

ଆମେ ଦୁଃଖ ପକାଇ ସୁଖ ଆଣିବାକୁ ।

ହେଉ ତେବେ ଆସ ।

ଦ୍ୱାର ଖୋଲାଯିବ । ସମସ୍ତେ ଗୃହକୁ ପ୍ରବେଶ କରି ଦେଖିବେ ବାଲି ଉପରେ କି ପଦଚିହ୍ନ । ଝିଟିପିଟି, ଅସରପା, ବେଙ୍ଗ, ସାପ ଇତ୍ୟାଦି । ଅର୍ଥ ପରିବାର ଲୋକଙ୍କ ମନରୁ ଭୟ ତୁଟିଗଲା । ଦ୍ୱାଦଶ ଦିନରେ ସଂକୀର୍ତ୍ତନ ଦଳ ଆସି ପ୍ରେତକୁ ସନ୍ତୁଷ୍ଟ କରି ଚାଉଳ ପଇସା ଧରି ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି । ପଦରେ କୁହନ୍ତି-

"ଉଦ୍ଧାର ହେବୁ ଯେବେ ଏ ଭବସାଗରୁ
ଉପାୟ କରି ଭଜ ଏବେ ଶ୍ରୀଗୁରୁ ।
ନଯିବେ ସଂଗେ କେହି ଯିବୁତୁ ଏକା
ନାମ ପାତ୍ର ପଥକୁ ହୋଇବ ସଖା ।(ଭକ୍ତ ଦାସ)

"ଯାହା ଦେବୁ ହସ୍ତ ଟେକିରେ କୁମର ଯାହା ଦେବୁ ହସ୍ତ ତୋଳି
ଡାହାଣ ହସ୍ତରେ ଯେ ଧର୍ମ କରିବୁ ଦେବ ପଥକୁ ସଙ୍ଗାଳି ।
ଦେବୁ ଦିଆଇବୁ ଦାନ ହିଁ କରିବୁ ମରଣ ପଥକୁ ସେହି

ମରଣର ପଥ କେଡ଼େ ସେ ଜଞ୍ଜାଳ ମୁକତି ଲଭିବୁ ତୁହି ।"(ଟିକା ଗୋବିନ୍ଦଚନ୍ଦ୍ର) ଏହା ହେଉଛି ହିନ୍ଦୁ ଧର୍ମର ଶବାଧାର ଓ ପରମ୍ପରା । ବାର ଦିନରେ ସମସ୍ତ ବଂଧୁବାନ୍ଧବ ନିଜ ନିଜର ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଅପେକ୍ଷା ଥାଏ ବର୍ଷିକିଆ କାର୍ଯ୍ୟକ୍ରମକୁ ।

ନରେନ୍ଦ୍ରପୁର, ଘଂଟେଶ୍ୱର, ଭଦ୍ରକ



# ସମୁଦୁଣୀ

*- ଲୀଳାବତୀ ମହାପାତ୍ର*

ସମୁଦୁଣୀ ଶବ୍ଦ ଶ୍ରବଣ କଲାମାତ୍ରେ ସମସ୍ତଙ୍କ ଭୃକୁଂଚିତ ହୋଇଯାଏ । କିଏ ଯଦି କେବେ କାହାର ସମୁଦୁଣୀ ବିଷୟରେ ଜାଣିବାକୁ ଜିଜ୍ଞାସା ପ୍ରକାଶ କରେ ବିଭିନ୍ନ ଅପଶବ୍ଦରେ ଭୂଷିତା ସମୁଦୁଣୀ ଟିଏ ତା ସମ୍ମୁଖରେ ଦଣ୍ଡାୟମାନ ହୋଇଯାଏ ।

ଆଜି ସୁପ୍ରଭାଙ୍କ ଠାରୁ ତାଙ୍କ ସମୁଦୁଣୀଙ୍କ ବିଷୟରେ ଶୁଣି ସମସ୍ତେ ଫୁସୁରୁ ଫୁସୁରୁ ହେଉଥାନ୍ତି । କିଏ କହୁଥାଏ ମିଛ ତ' ଆଉ କିଏ କହୁଥାଏ ନିଜକୁ ଭଲେଇ ଦେଖାଇ ହେବା ପାଇଁ ବନେଇ ଚୁନେଇ କହୁଛନ୍ତି । ସତେ ଯେମିତି ସମୁଦୁଣୀ ବିଷୟରେ କୁହାଯାଉଥିବା ସୁବକ୍ତବ୍ୟକୁ କିଏ ଗ୍ରହଣ କରିବାକୁ ନାରାଜ ।

ସୁପ୍ରଭା ଏଥିପାଇଁ ଏ କ୍ଲବ୍, ଭୋଜି, ନାଚଗୀତ ଇତ୍ୟାଦି ଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖେ । ତାକୁ କ୍ୱାର୍ଟରେ ରହୁଥିବା ମହିଳାମାନେ ବାଧ କରିବାରୁ ଏ ମହିଳା କ୍ଲବ୍ ର ସଦସ୍ୟତା ଗ୍ରହଣ କରିଛି । ଗଣେଶ ପୂଜା ପାଳନ ଅବସରରେ ସମସ୍ତେ ଏକତ୍ରିତ ହୋଇଛନ୍ତି ।

ଦାଣ୍ଡିଆ ନାଚ କରିବାକୁ ସୁପ୍ରଭା ଭଲପାଏ । ଦୁଇ ପୁଅ ତ ବାଦସାହା ହୋଇ ଜଣେ ଆମେରିକାରେ ଆଉ ଜଣେ ରାଜଧାନୀ ଭୁବନେଶ୍ୱରରେ ରହୁଛନ୍ତି । ବୋହୂ ଦୁଇଜଣ ଭାରି ଭଲ । ସମୁଦି ସମୁଦିଆଣୀ ମଧ ଭଲ । ସେମାନେ ସୁପ୍ରଭାର ଭଲ ମନ୍ଦରେ ଛିଡ଼ା ହୋଇ ସାହାଯ୍ୟ କରନ୍ତି ।

ପାଞ୍ଚଜଣ ସ୍ତ୍ରୀ ଲୋକ ଏକତ୍ରିତ ହେଲେ ଯାହା ହୁଏ । ମନୁଷ୍ୟ କାହାର ସୁଖ, ସମୃଦ୍ଧି କଥା ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରି ନଥାଏ । ଅନ୍ୟର କୁତ୍ସରଟନା ଶୁଣିବା ପାଇଁ ଆଗ୍ରହରେ ଘଂଟା ଘଂଟା ବସି କାନେଇ ଥାଅନ୍ତି । ଏହା ମନୁଷ୍ୟର ଏକ ବିଚିତ୍ର ପ୍ରକୃତି ।

ସୁଶିଳା, ମାଧବୀ, ପ୍ରଭାତୀ ସମସ୍ତେ ଜଣ ଜଣ କରି ନିଜ ସମୁଦି ସମୁଦିଆଣୀଙ୍କ ବିଷୟରେ କହୁଥାନ୍ତି । ସମସ୍ତଙ୍କର ସେ ଗୋଟିଏ ଅଭିଯୋଗ ମୋ ସମୁଦି ଭଲ ସମୁଦିଆଣୀଟା ଭଲ ନାହିଁ । ମାଁ ମାନେ ବିବାହିତ ହୋଇଥିବା ଝିଅଙ୍କ ଘରେ ପଶି ଘର ଭାଙ୍ଗୁଛନ୍ତି ।

ଆଉ ଜଣେ କହିଲେ କି ଫୋନ୍ ବାହାରିଲା କେ ଜାଣି ରାତି ପାହିବା ଠାରୁ ଫୋନ୍ ବୋହୁର କର୍ଣ୍ଣମୂଳରେ ଥିବ ଯେ ରାତି ହେବା ଯାଏ । ଘରେ ସୋରିଷଟିଏ ଫୁଟିଲେ ମାଁ ଜାଣିବେ । ସମୁଦୁଣୀ ଯେମିତି କହିବେ ବୋହୁ ସେମିତି ନାଚିବ । କି ଯୁଗ ହେଲା କେଜାଣି ? "ପୁଅର ମାଁ କାନ୍ଦି କାନ୍ଦି ମରୁଛି ଝିଅର ମାଁ ଗୋଡ଼ ଉପରେ ଗୋଡ଼ ପକାଇ ବସିଛି" । ବୋହୁ କୁ ଶାଶୂ ଡରି ଡରି ମରୁଛି । ଶାଶୂ ପଣିଆ ଏବେ ଚୁଲିକି ଗଲାଣି । ସୁପ୍ରଭା ଚୁପ୍‌ଚାପ୍ ହୋଇ ସବୁ ଶୁଣୁଥାଏ । ମାଧବୀ ତାକୁ ହଲାଇ ଦେଇ କହିଲା ହଇଲୋ କହୁନୁ ତୋର ତ ଦୁଇ ଦୁଇ ଜଣ ସମୁଦି ସମୁଦିଆଣୀ ।

ସୁପ୍ରଭା କହିଲା କ'ଣ କହିବି ? ମୋର ସମୁଦି ସମୁଦିଆଣି ମାନେ ଭାରି ଭଲ । ସେମାନେ ଆମ ଘରର କୌଣସି କଥାରେ ମୁଣ୍ଡ ଖେଳାନ୍ତି ନାହିଁ । ଆମେ ସମସ୍ତେ ଗୋଟିଏ ପରିବାର ପରି ଚଳି ଆସୁଛୁ । ଏବେ ସାନପୁଅର ଶାଶୂ ଶ୍ୱଶୁର ଙ୍କ ସହିତ ତୀର୍ଥ ବୁଲି ଯାଇଥିଲୁ ବହୁତ ହସଖୁସିରେ ବୁଲାବୁଲି କଲୁ । କାହିଁ ମୋତେ ତ ସେମାନଙ୍କୁ ପର ପରି ମନେ ହେଲା ନାହିଁ ।

ସୁପ୍ରଭାର ଦେହ ଖରାପ ବୋଲି ସମସ୍ତେ ତାର ବହୁତ ଯତ୍ନ ନେଉଥିଲେ । ପଇସା ପତ୍ର କିଏ କେଉଁ ବାବଦରେ କେତେ ଖର୍ଚ୍ଚ କଲା ନ କଲା ସେଥିରେ କାହାର ମନ ଊଣା ହେଉନଥିଲା । ବଡ଼ପୁଅର ଶ୍ୱଶୂର ଘର କିଣିଲେ । ପ୍ରଥମେ ଆମକୁ ଡାକି ତାଙ୍କ ଘର ଦେଖାଇଥିଲେ । ଦର ହିସାବରେ ଘର ଠିକ୍ ଅଛି କି ନାହିଁ ପଚାରିଥିଲେ । ପୂନ୍ୟପର୍ବ ଭଲ ମନ୍ଦରେ ଆମେ ସବୁ ଏକାଠି ହୋଇ ମଜାମଜଲିସ୍ କରୁ ।

ହଁ ହଁ ରଖିଥା ଯେତକ ମିଛ କଥା ଆସି ଏଠାରେ କହୁଛି କହିଲା ପ୍ରତିଭା । ସେତିକିବେଳ ଠାରୁ ସମସ୍ତେ ସୁପ୍ରଭା ପ୍ରତି କିପରି ବି ମନା ହୋଇ ପଡ଼ିଲେ । ସମସ୍ତେ ମିଶି ଦାଣ୍ଡିଆ ନାଚ ଖେଳିଲେ । ଖିଆପିଆ ଏକାଠି କଲେ । ସେଥିରେ ସୁପ୍ରଭାକୁ ସାମିଲ କରି ନଥିଲେ । ସୁପ୍ରଭା ଏକୁଟିଆ ହୋଇ ଭାବୁଥାଏ ତାର ଭୁଲ କେଉଁଠି ରହିଲା ।

ରଙ୍ଗିଲାଛକ, ରାଉରକେଲା-୭

# ମଣିମାଙ୍କୁ ଚିଠି

- ଶ୍ରୀ ପ୍ରଶାନ୍ତ କୁମାର ନାଥ

ମଣିମା ହେ ! ଦୁଃଖର କଥା ଶୁଣିମା ହୁଅ....

ଦୋଷୀ ନିର୍ଦ୍ଦୋଷୀ ବାଛି କୁହ....

ପୁଅ ମୋର ରୋଗୀ । ଛଅ ଦିନ ହେଲା କଷ୍ଟ ପାଉଛି । ଡାକ୍ତରଖାନାକୁ ଘେନିଯିବ । ଆପଣଙ୍କ ଚାକରାଆ କଥା ଶୁଣି ଗାଡ଼ି (୧୦୮ ଆମ୍ବୁଲାନ୍‌ସ) ପଠେଇଛି । ମାହୁନ୍ତ କହୁଛି ଗାଡ଼ି ନ ଖାଇଲେ ଯିବିନି... ୧୦୦ଟଙ୍କା ଦିଅ । ଇସ୍ତିରୀ ମୋର ସାହୁକାର ଘରେ ଯାଇ କେତେ କାକୁତି ମିନତି ହୋଇ ଧାର ମାଗିଲା । ପତଳା ଗରା ନୋଟାକୁ ରଖି ଟଙ୍କା ଦିଅ ବୋଲି ଗୁହାରୀ କଲା । ସାହୁକାର ସବୁ ଶୁଣି କହିଲା, "ଏଗୁଡ଼ା ଅଚଳ.... ସୁନା କି ରୂପା ଅଛି ତ ଆଣ ।" ନାକଚଣାଟି ନାକରେ ଲାଗିଛି କିନ୍ତୁ ମୋ ଇସ୍ତିରୀକୁ ଜଣାନାହିଁ । ଗରା ନୋଟାକୁ ସାହୁକାର ଘରେ ଛାଡ଼ି ନଙ୍ଗଳାମୁକୁଳା ହୋଇ ଘର ମୁହାଁ ଦୌଡ଼ି ଆସି ପହଂଚିଲା । ଟିଣ ବାକୁସ, କାନ୍ଥରେ ଟଙ୍ଗା ଅଖା ବ୍ୟାଗ୍ ଖୋଜିଲା । ସେଥିରୁ କେତେ ସାଇତା ସଉଦା ଠୁଙ୍ଗାକୁ କାଢ଼ି ତା ଭିତରେ ହାତ ପୁରାଇ ଖୋଜି ହେଲା । ଯେତେ ପଚାରିଲେ ଖାଲି ଉଁ ଉଁ ହେଇ କାନ୍ଦୁଥିଲା । କେତେ ପଚାରିବାରୁ ଖନେଇ ଖେନେଇ କହିଲା, 'ସାହୁକାର କହୁଛି ସୁନା କି ରୂପା ଦେଲେ ଟଙ୍କାଦେବ.... ମୋ ନାକଚଣାଟା କୋଉଠି ରଖିଛି ଖୋଜୁଛି.... ।' ଇସ୍ତିରୀ ମୁଣ୍ଡରେ ହାତ ମାରି କହିଲି, 'ଆଲୋ ହୁଣ୍ଡି ନାକଚଣା ପରା ନାକରେ ନାଇଛୁ... ବାକୁସ କଣ ଖୋଜୁଛୁ ?' ଇସ୍ତିରୀ ମୋର ସବୁକିଛିକୁ ସେଇଠି ଛାଡ଼ି ପୁଣି ଫେରିଲା ସାହୁକାର ଘରକୁ... ନାକଚଣାଟିକୁ ଦେଇ ପାଂଚଶହ ଟଙ୍କା ଆଣିଲା । ମୋତେ ଦେଲା । ତୁରନ୍ତ ଡାକ୍ତରଖାନାକୁ ପୁଅକୁ ଘେନିଯାଅ ବୋଲି କହିଲା । ମାହୁନ୍ତକୁ ଦେଲି ଶହେ । ଗାଡ଼ି ଖାଇଲା କି କ'ଣ ମୁଁ ଜାଣିନି, କିନ୍ତୁ ମାହୁନ୍ତ ପକେଟ୍‌ରେ ପୂରାଇଲା ଦେଖିଚି । ସେଇଠୁ ସରକାରୀ ଗାଡ଼ି ପୁଁ ପୁଁ ଗର୍ଜନ କରି ଚାଲିଲା ସହର ଆଡ଼କୁ । ମୁଣ୍ଡ ଉପରେ ତାର ବୁଲୁ ଆଲୁଅଟା ବି ଚକ୍ ଚକ୍ ହୋଇ ଜଳିଲା । ହଠାତ୍ ଗାଡ଼ିଟା ସହର ଭିତରେ ପଶୁ ପଶୁ ମେଂଚାଏ ଭେଣ୍ଡା ଟୋକା ଆସି ଗାଡ଼ିକୁ ଅଟକାଇଲେ । ହାତରେ ତାଙ୍କର ପତକା ଲୁଗା ଲମ୍ବା ଠେଙ୍ଗା, ପଟା, ବାଉଁଶ ଓ ଲୁହା ଛଡ଼ । ଗାଡ଼ିର କାଚ ଭାଙ୍ଗିବାକୁ ଆଗଭର ହେଉଥିଲେ ସେଗୁଡ଼ା । ମାହୁନ୍ତ ଗାଡ଼ି ଅଟକାଇଲା । ତାଙ୍କ ସହିତ କଥା ହେଲା । ଟୋକାଗୁଡ଼ା ଜୋର୍ ଜୋର୍‌ରେ ପାଟି କରି କହୁଥିଲେ, 'ରାସ୍ତା ବନ୍ଦ... ଆଜି ଷ୍ଟ୍ରାଇକ୍... ଗାଡ଼ି ଆଗକୁ ଯିବ ନାହିଁ ।' ବନ୍ଦ ! ଷ୍ଟ୍ରାଇକ୍ ! କ'ଣ ଜାଣିନି କିନ୍ତୁ ବୁଝିଲି ଗାଡ଼ିକୁ ଆଗକୁ ଯିବାକୁ ସେମାନେ ଦଉନାହାନ୍ତି । ଗାଡ଼ି ଭିତରୁ ହାତ ଯୋଡ଼ି କହିଲି, 'ବାବୁ ମୋ ପୁଅ ଦେହ ଖରାପ... ଗାଡ଼ି ଛାଡ଼ନ୍ତୁ ଡାକ୍ତରଖାନା ଯିବୁ... ।' କୋଉଟି ଥିଲା ମୋଟା କାଳିଆ ଟୋକାଟା କେଜାଣି ହଠାତ୍ ଚିତ୍କାର କରି କହିଲା, 'ଏଇ ବୁଢ଼ା ! ଥରେ କହିଲି ଗାଡ଼ି ଯିବନି... ତୋ ପୁଅ ଡାକ୍ତରଖାନା ଯାଉ ଅବା ମରୁ... ଆମର କ'ଣ ଅଛି... ଆମେ ରାଜ୍ୟ ସରକାରଙ୍କ ଦଳୀୟ କର୍ମକର୍ତ୍ତା... କେନ୍ଦ୍ର ସରକାର ଆମ କଥା ନଶୁଣିବା ଯାଏଁ ଆମେ ଗାଡ଼ି ଛାଡ଼ିବୁ ନାହିଁ ।' ବାବୁ... ବାବୁ... ଟିକେ ମୋ ଦୁଃଖ ଶୁଣ... ଶୁଣ ପୁଅଟା ମୋର ଡାକ୍ତରଖାନାକୁ ନଗଲେ ମରିଯିବ । ଟୋକାଟା

ଚଢ଼ାଗଳାରେ କହିଲା, 'ଏଇ ବୁଢ଼ୀ ! ତୁ ବେଶି କଥା କହୁଛୁ... ଦେଖୁଛୁ ତ ସେଠି ମଝି ରାସ୍ତାରେ ଟାୟାରଗୁଡ଼ା କେମିତି ଜଳୁଛି ? ଗାଡ଼ି ସାଇକେଲ କେମିତି ଭଙ୍ଗା ହେଉଛି ? ବେଶୀ କହିବୁତ... ଆମ୍ବୁଲାନ୍‌ସକୁ ବି ସେମିତି ନିଆଁ ଲଗେଇଦେବୁ ଯେ, ବୁଦ୍ଧି ଶିଖୁଥିବୁ... ।' ସେମାନଙ୍କ କଥାଶୁଣି ସେତେବେଳକୁ ମୋ ଆଖିର ଧାର ଧାର ଲୁଣିଆ ଲୁହଗୁଡ଼ା ବୋହି ପାଟିରେ ପଶୁଥାଏ । ବେକରେ ଗୁଡ଼ା ନାଲି ଗାମୁଛାଟା କାଢ଼ି ଲୁହ ପୋଛୁ ପୋଛୁ ଗାଡ଼ି ମାହୁନ୍ତକୁ ପଚାରିଲି, 'ବାପାରେ କ'ଣ କରିବା ? କେମିତି ଯିବା ?' ମାହୁନ୍ତ ରାଗିଯାଇ ପକେଟ୍‌ରୁ ମୋ ଦେଇଥିବା ଶହେ ଟଙ୍କାକୁ ବାହାର କରି ମୋତେ ଯାଚି କହିଲା, 'ମଉସା ଏଇ ଟଙ୍କା ନିଅ... ଗାଡ଼ିରୁ ଓହ୍ଲାଅ ନହେଲେ ସେମାନେ ମୋ ଗାଡ଼ିକୁ ପୋଡ଼ିଦେବେ ।' କେତେ କାକୁତି ମିନତି ହେଲାରୁ ମାହୁନ୍ତ ରାଜି ହେଲା । ଆଉ ପଚାଶେ ଦେବି କହିଲାରୁ ଗାଡ଼ିରେ ହିଁ ବସିବାକୁ କହିଲା ।

ମନେ ମନେ ଭାବିଲି, ପୁଅଟାକୁ ଡାକ୍ତରଖାନାକୁ ନ ଆଣି ଯଦି ଗାଁ ବଇଦକୁ ଦେଖାଇଥାନ୍ତି ଭଲ ହୋଇଥାନ୍ତା । ପୁଅ ମୁଣ୍ଡକୁ ଆଉଁସୁ ଆଉଁସୁ ପୁଅଟା ହାତଠାରି ପାଣି ପିଇବ ବୋଲି କହିଲା । ଗାଡ଼ିର ପଛ କବାଟ ଖୋଲି ତଳକୁ ଓହ୍ଲାଇ ଦେଖିଲି ସବୁ ଦୋକାନ ବଜାର ବନ୍ଦ । ଗୋଟିଏ ହେଲେ ଜଳଖିଆ ଦୋକାନ ଖୋଲା ନାହିଁ ପାଣି କୋଉଠୁ ପାଇବି ? ବୁଲି ବୁଲି ଖୋଲା ସରକାରୀ କଳଟା ପାଇଲି । କେତେବେଳୁ ପାଣି ଗୁଡ଼ା ବୋହିଯାଉଛି କାହାର ନଜର ନାହିଁ । ତାକୁ ବନ୍ଦ କରିବା ମୁହଁଟା ତ ନଥିଲା । ପାଣି ବନ୍ଦ କରିବ କିଏ ? ମୁଁ କଳ ପାଖରେ ପହଂଚୁ ପହଂଚୁ ମୋତେ ବାଦ କରି କୋଉଟି ଥିଲେ ବୁଲା ଗାଈ ବାଛୁରୀ ଯୋଡ଼ାକ କେଜାଣି( ? ) ମୁହଁ ବଢ଼େଇ ପାଣି ପିଇଗଲେ । ହାସୁ ହାସୁ କହି ଗୋଡ଼େଇଲି ହେଲେ ଜମାରୁ ଶୁଣିଲେନି । ମାଟି ଟେକାଟେ ଛାଟିବାରୁ ଗଲେ । ଗାମୁଛାକୁ ପାଣିରେ ଭିଜେଇଲି ବାବୁଲା ବୋଉ ଦେଇଥିବା କଂସାରେ ପାଣି ମୁନ୍ଦାଏ ଭରି ଯାଇ ଗାଡ଼ି ପାଖରେ ପହଂଚିଲାବେଳକୁ ଯାହା ଦେଖିଲି ଛାତି ଥରିଗଲା । ଆଖି ଲୁହ ବି ଶୁଖିଗଲା । ଗାଡ଼ିଟା ଦାଉ ଦାଉ ହୋଇ ନିଆଁରେ ଜଳୁଛି । ଦମକଳ ଗାଡ଼ି ପାଣି ଫିଙ୍ଗୁଛି । ପୁଲିସ୍ ଗାଡ଼ିକୁ ଚାରିପାଖରୁ ଘେରି ରହିଛି । ପତାକାଧରି ମେଂଚାଏ ଭେଣ୍ଡିଆ, ଟୋକି ଠିଅ ହୋଇ କ'ଣ ଜିନ୍ଦାବାଦ ଜିନ୍ଦାବାଦ କହୁଛନ୍ତି । ଠେଙ୍ଗା ବାଡ଼ିକୁ ସେହି ନିଆଁକୁ ଫୋପାଡୁଛନ୍ତି । ଗାଡ଼ି ପାଖକୁ ଯିବାକୁ ଯେତେ ଚେଷ୍ଟା କଲି ପୁଲିସ ଛାଡ଼ିଲାନି କି ମୋ କଥା ବି ଶୁଣିଲାନି । ପୁଅ ମୋର କୁଆଡ଼େ ଗଲା( ? ) ଚିନ୍ତାରେ ଓ ଦୁଃଖରେ କାନ୍ଦି କାନ୍ଦି ମୁଣ୍ଡରେ ହାତ ଦେଇ ସେହି ରାସ୍ତାରେ ହିଁ ବସି ପଡ଼ିଲି ।

କିଛି ସମୟ ପରେ ଆଖି ଖୋଲି ଦେଖେ ତ ଭିଡ଼ଭିତରୁ ଦୁଇ ଚାରିଜଣ ଖବର କାଗଜ ଓ ଟିଭିବାଲା ମୋ ଫଟୋ ଉଠାଉଛନ୍ତି । କିଏ କହୁଛି, 'ବଢ଼ିଆ ପୋଜ୍' । କିଏ କହୁଛି, 'ଏଇ ଆଙ୍ଗଲରୁ ନେଲେ ଭଲ ହେବ' । କିଏ କହୁଛି, 'ନାଁ ଚଳିବ' । ତାଙ୍କ ଭିତରେ ଜଣେ ଆସି ମୋ ହାତଟାକୁ ଧରି ମୁଣ୍ଡକୁ କାଢ଼ି ଦୁଇ ଗାଲରେ ଦେଇ ବସିବାକୁ କହିଲା । ବିରକ୍ତି ହେଇ ତା ହାତକୁ ଫୋପାଡ଼ି ଦେଲି । ସେ କହିଲା, 'ମଉସା ରାଗନି... ଟିଭି ଖବର କାଗଜରେ ତମ ଫଟୋ ବାହାରିବ... ।' ଫଟ ଫଟ ମୋର ଦରକାର ନାହିଁ... ମୋ ପୁଅ କୁଆଡ଼େ ଗଲା କହିପାରିବକି ବାବୁ ? ତାକୁ ପଚାରିଲି...

-ତମ ପୁଅ !

- ମୋ ପୁଅ ସେହି ଗାଡ଼ିରେ ଥିଲା । (ହାତବଢ଼ାଇ ଗାଡ଼ିକୁ

ଦେଖାଇ) ଡାକ୍ତରଖାନାକୁ ନେଉଥିଲି ।

ସେମାନଙ୍କ ଭିତରେ ଗୋଟିଏ ପିଲା ଖାତାଟି ଧରି କ'ଣ ସବୁ ଲେଖି ପକଉଥିଲେ । ମୁଁ କୋଉଟୁ ଆଇଚି... କୋଉଥେରେ ଆଇଚି... ପୁଅର କ'ଣ ହେଉଚି... ଥରକୁ ଥର ମୋତେ ପଚାରୁଥିଲା ଆଉ ଲେଖୁଥିଲା । ହଠାତ୍ ପୁଲିସ୍ ଆସି ସେମାନଙ୍କୁ ଗୋଡ଼େଇଲା । ମୋତେ ଉଠିଯିବାକୁ କହିଲା, 'ଏଇ ଏଠି ବୁଢ଼ା କ'ଣ ବଇଚୁ ?' ମୋ ପାଟିରୁ କିଛି ବାହାରିବା ପୂର୍ବରୁ ପୁଲିସ୍‌ବାଲାଟା ମୋ ପଛକୁ ଠେଙ୍ଗାରେ ଗୋଟାଏ ପାହାର ଦେଲା । ପୁଣି ଠେଙ୍ଗା ଉଁଚାଉଥିଲା... ଆଉଥରେ ପିଟିଥାନ୍ତା କି କ'ଣ ? ପଛ ଆଉଁସୁ ଆଉଁସୁ ଛୋଟେଇ ଛୋଟେଇ ଯାଇ ଟିକେ ଦୂରରେ ବସିଲି । ଭେଣ୍ଡା ଟୋକାଗୁଡ଼ା ସେମିତି ଉତ୍‌ପାତ ହେଉଥାନ୍ତି ରାସ୍ତା ମଝିଟାରେ । ପୁଲିସ କିନ୍ତୁ ସେମାନଙ୍କ ପାଖ ପଶୁନଥାଏ । ସେମାନଙ୍କୁ ଅଟକାଉ ନଥାଏ । ସେମାନେ କେତେ ଗାଡ଼ି ଭାଙ୍ଗୁ ଥା'ନ୍ତି । ନିଆଁ ଲଗାଉଥା'ନ୍ତି । ଲୋକଙ୍କୁ ଅଟକାଇ ବାଡ଼ଉଥାନ୍ତି । ଟାଣି ଘୋଷାରୁଥାନ୍ତି । କାହା ପଛକୁ ତ କାହା ହାତକୁ ବା ମୁଣ୍ଡକୁ ଠେଙ୍ଗେଣିରେ ପିଟି ପକାଉଥାନ୍ତି । ଠେଙ୍ଗେଣି ଖାଇ କିଏ କାନ୍ଦୁଥାଏ । କିଏ ହାତ ଯୋଡ଼ି କାକୁତି ମିନତି ହେଉଥାଏ । କାହାରି କଥା ସେମାନେ ଶୁଣୁନଥାନ୍ତି । ପତାକା ଲଗା ଠେଙ୍ଗାକୁ ଟେକି ଜିନ୍ଦାବାଦ୍ ଜିନ୍ଦାବାତ୍ କହୁଥାନ୍ତି । ଆମର ଦାବୀ ପୂରଣ କର... ପୂରଣ କର... ବୋଲି କହୁଥାନ୍ତି । ସେତେବେଳକୁ ପ୍ରାୟ ଚାରିପାଂଚ ଘଂଟା ହୋଇସାରିଲାଣି । ଅଖିଆ ଅପିଆ ମୁଁ ସେମିତି ବସୁଥାଏ ପୁଣି ସେମାନଙ୍କ ଠେଙ୍ଗେଣି ଖାଇ ଏପଟ ସେପଟ ହୋଇ ପୁଅକୁ ଖୋଜୁଥିଲି ।

ହଠାତ୍ ନଜର ପଡ଼ିଲା ମେଂଚାଏ ଅଳିଆଗଦା ଭିତରେ ବାବୁଲା ବୋଉର ଛିଟପକା ନୁଗାଟା । ଦୌଡ଼ି ଗଲି ସେଠିକି । ସେଇ ନୁଗାରେ ଗୁଡ଼େଇ ହୋଇ ଅଳିଆଗଦାରେ ଶୋଇଚି ବାବୁଲା । ନୁଗା ଆଡ଼େଇ ତା ମୁହଁକୁ ଦେଖିଲି । ଖରା ତାତିରେ ମୁହଁଟା ତାର କଳାକାଠ ପରି ଦେଖାଯାଉଚି । ନାକ ପୁଡ଼ାରୁ ତାର ଟିକେ ଟିକେ ନିଶ୍ୱାସ ବାହାରୁଚି । ଛାତି ଉପରଟା ଧୀରେ ଧୀରେ ଦୁଲୁକୁଚି । ଲୁହଭିଜା ଗାମୁଛାରେ ତା ମୁହଁକୁ ପୋଛିଦେଲି । ପେଟକୁ ତାର ଆଉଁସି ଦେଲି । ଅଖିଆ ଅପିଆରେ ପେଟଟା କୁଆଡ଼େ ଭିତରକୁ ପଶୁଥିଲା । ମନରେ ସାହସ ବାନ୍ଧିଲି । ନିଜକାନ୍ଧର ଉପର ଚମଡ଼ାକୁ ଚିମୁଡ଼ି ପକାଇଲି... ଏଇ କାନ୍ଧରେ ଜଙ୍ଗଲରୁ କେତେ କାଠଗଣ୍ଡି ବୋହି ଆଣିଛି । ଫରେଷ୍ଟର ଆଖିରେ ଧୂଳିଦେଇ ସାହୁକାର ବାଡ଼ିରେ ଗଦା କରିଛି । ବୟସ ବଢ଼ିଛି ହେଲେ ସାହସ ଅଛି । ଆଜିବି କାଠ ଗଣ୍ଡିକି କାନ୍ଧେଇ ଫୋପାଡ଼ି ପାରିବି...! ଅଂଟାରେ ଗାମୁଛାକୁ ଜାବୁଡ଼ି ବାନ୍ଧିଲା । ନୁଗା ଗୁଡ଼ା ବାବୁଲାକୁ ସଳଖି କାନ୍ଧକୁ ଟେକିଲି । ବାବୁଲା ସେମିତି କାନ୍ଧରେ ଶୋଇଲା । ଲମ୍ବା ହୋଇ ଠିକ୍ କାଠଗଣ୍ଡିଟି ପରି । ଚାଲିବାକୁ ଆରମ୍ଭ କଲି... ଆଖିକୁ ଯୁଆଡ଼େ ବାଟ ଦେଖାଯାଇଥିଲା । ଲୋକମାନେ ଚାହୁଁଥାନ୍ତି... ମୁଁ ପଚାରେ ଡାକ୍ତରଖାନା କେତେ ବାଟ ? ସେମାନେ କୁହନ୍ତି, 'ଆଉ ଅଳ୍ପ ବାଟ' । ଚାଲିଲି ପ୍ରାୟ ଡେଙ୍ଗା ପାହାଡ଼ ଆରମ୍ଭରୁ ଶେଷ ଯାଏଁ ବାଟ । ପହଂଚିଲି ଡାକ୍ତରଖାନା ସାମ୍ନାରେ । ଡାକ୍ତରଖାନାର ପିଣ୍ଡାରେ ଆଗରୁ ଶୋଇଥିଲେ କେତେ କୁକୁର ଆଉ ରୋଗୀ । ସମସ୍ତେ ଶୁକୁ ଶୁକୁ ହେଉଥାନ୍ତି । କାନ୍ଥରେ କଂଟା ବାଡ଼ା ହୋଇ ଝୁଲୁଥିଲା ସାଲାଇନ୍ ବୋତଲ । ପାଖରେ ରୋଗୀଙ୍କ ବନ୍ଧୁ ବାନ୍ଧବମାନେ ଜମା ହୋଇଥାନ୍ତି । କିଏ ବସିଛି ତ କିଏ ଛିଡ଼ା ହୋଇଛି । ଜଣେ ଦି ଜଣ କାନ୍ଦୁଛନ୍ତି ବି । ସେମାନଙ୍କ ମଝିରେ ଖାଲି ଜାଗାଟେ ଦେଖି ବାବୁଲାକୁ ଥୋଇଲି । ନର୍ସ ଆସି

ପଚାରିଲା, 'ମଉସା... କ'ଣ ହେଇଚି ? ଇଏ କିଏ ?' ମୋ ପୁଅ ବୋଲି କହିଲାରୁ ସେ ଲୁଗା ଆଡ଼େଇବାକୁ କହିଲେ । ମୁଁ ଲୁଗା ଆଡ଼ଉ ଆଡ଼ଉ ନର୍ସ ଝିଅଟା କ'ଣ ଜାଣିଲା କେଜାଣି( ?) କିଛି ନ କହି ଚାଲିଗଲା । କିଛି ସମୟ ପରେ ଭିତରୁ ଡାକ୍ତର ସାଙ୍ଗରେ ପୁଲିସ୍‌କୁ ଧରି ଫେରିଲା । ସେମାନେ ଏକାଠି ପଚାରିଲେ, 'ଇଏ କିଏ ମଉସା ?'

-ଆଜ୍ଞା ମୋ ପୁଅ...

-କ'ଣ ହେଇଥିଲା ଯାର...

-ଗାଁ ବଇଦ କହୁଥିଲା ଜର ହେଇଚି....

-ତମ ଘର କଉଟି ?

ମୁଁ ଯାହା କହିଲି ସବୁ ସେମାନେ ଲେଖିଲେ । ଲେଖିସାରି କହିଲେ, 'ମଉସା ତମ ପୁଅ ଆଉ ନାହିଁ... ଏଇ ସୁଇପର ଆସିଛି । ତାକୁ ତିନିଶହ ଟଙ୍କା ଦିଅ ଶବ ପୋଷ୍ଟମଟମ୍ ହେବ' ।

ପାହାଡ଼ରୁ ପଥର ଭାଙ୍ଗି ଭାଙ୍ଗି... ଗଛ କାଟି କାନ୍ଧରେ ବୋହି ବୋହି ମୋ ପାପୁଲି କାନ୍ଧ ସାଙ୍ଗକୁ ଦେହଟା ବି ପଥୁରିଆ ପାଲଟି ଯାଇଥିଲା । ମନ ବି ପଥର ହେଇଚି । ସବୁ ଦୁଃଖ କଷ୍ଟକୁ ସହିବାର ସାହସ ମୋର ଅଛି, କିନ୍ତୁ ମିଛକୁ ନୁହେଁ । ହେଲେ ସବୁଦିନ ସକାଳୁ ସଂଜ ଯାଏ କଥା କଥାକରେ ବାବୁଲା ବୋଉ ମୋତେ ଗଞ୍ଜନା ଦେଇ କହୁଚି, 'ଯା... ଯା... ଶାସକ ଦଳ ପାଇଁ ଭୋଟ ମାଗିବୁ... ଗାଁ ଗାଁ ବୁଲିବୁ ଲୋକଙ୍କୁ କହିବୁ ଆମ ଦଳ ଭଳି ଆଉ ଦଳ ନାହିଁ... ଆମ ମୁଖିଆଙ୍କ ଭଳି ଆଉ ମୁଖିଆ କାହିଁ... ମୁଁ ଆଙ୍ଗୁଟି କାଟି ଭୋଟ ଦେଇଚି... ତମେ ବି ଦିଅ... ଖବର କାଗଜରେ ମୋ ଛବି ବାହାରୁଚି ତମର ବି ବାହାରିବ...' । ନିଜ ସରକାର ନିଜେ ଗଢ଼ ବୋଲି ଛଳନା କରି କହୁ କହୁ ପୁଣି ଛେପଢୋକେ ଆଉ କୁହେ, 'ନି ...ଜ... ଦୁଃ...ଖ... ନି...ଜେ ଲ...ଢ଼... ।' ମୋ ମୁଣ୍ଡରେ ଦୋଷ ଲଦୁଚି... ମୁଁ କୁଆଡ଼େ ସରକାରୀ ଦଳର ହୋଇ ବିରୋଧିଙ୍କ ଉପରେ ଦୋଷ ଲଦିବା ବାହାନାରେ ତା ପୁଅକୁ ମାରି ଦେଇଚି ! ବିଚାର ଆପଣଙ୍କ ହାତରେ । ଦୋଷୀ କହିଲେ ଦୋଷୀ ହେବି । ନିର୍ଦ୍ଦୋଷୀ କହିଲେ ମୁକ୍ତି ପାଇବି...

॥ ଇତି ॥

ଆପଣଙ୍କ ପ୍ରଜା...

**ହାଡୁ ଦେଉରୀ**

ପଥର ମୁଣ୍ଡିଆ, ଓଡ଼ିଶା

୨୦୪, ବି.ବି.ଗାଙ୍ଗୁଲି ଷ୍ଟ୍ରୀଟ୍,

କୋଲକାତା-୭୦୦୦୧୨(ପ.ବ.)

# ରକ୍ତ

**- ଲିପ୍‌ସା ପଟେଲ**

-କହିଲ, ତୁମ ଦେହର ରକ୍ତ କି ରଙ୍ଗର ?

-ଛାଡ଼, ତୁମକୁ କହି କିଛି ଲାଭ ନାହିଁ ବରଂ ସେଇ ପୁରୁଣା ସଂଳାପ ଦୋହରାଇବ ।

ମିନି ଚିଡ଼ିଯାଇ ଚାଲିଗଲେ ଛାତ ଉପରକୁ ଲୁଗା ଶୁଖାଇବା ପାଇଁ । ହେମନ୍ତ ମଧ୍ୟ ପ୍ରସ୍ତୁତ ହେଉଥିଲେ କୋର୍ଟକୁ ଯିବା ପାଇଁ । ତାଙ୍କ ବାପା "ହରେ କୃଷ୍ଣ... ହରେ ରାମ" ଶହେ ଆଠଥର ଲେଖିବାରେ ବ୍ୟସ୍ତ । ମା' ରୋଷେଇ ଘରେ ପରିବା କାଟୁଥିଲେ । ହାଣ୍ଡିପରି ମୁହଁ ସମସ୍ତଙ୍କର ହୋଇଛି । ହେମନ୍ତଙ୍କ ଉପରେ ସଭିଙ୍କର ରାଗ । ହିନ୍ଦୁଲୋକ ହୋଇ ଏଇ ଅଣହିନ୍ଦୁ ବସ୍ତୀରେ ଆଣି ହେମନ୍ତ ସେମାନଙ୍କୁ ରଖିଛନ୍ତି । ପେଶାରେ ଓକିଲ । ଆଜିକାଲି ଓକିଲାତିରେ ଘର ଚଳାଇବା କି କଷ୍ଟ ସେ ହିଁ ଜାଣନ୍ତି । ତା' ସହ ଏଇ ସହରର ହୁ ହୁ ହୋଇ ବଢ଼ିଚାଲିଥିବା ଦରଦାମ୍ । ଗାଁର ଚାଷ ଜମିରୁ ବର୍ଷକର ଚାଉଳ ମିଳୁଛି ବୋଲି ଟିକିଏ ଆଶ୍ୱସ୍ତ । ପୁରୁଣା ଭଡ଼ାଘରଟା କୋର୍ଟ ପାଖାପାଖି ଥିଲା । ଦୀର୍ଘ ବାର ବର୍ଷ ସେମାନେ ସେଇଠି ରହୁଥିଲେ । ହଠାତ୍ ଘରମାଲିକର ମୁଣ୍ଡରେ କି ପିତ ଚଢ଼ିଲା ଯେ, ଏକାଥରେ ଦି' ଗୁଣା କରି ପକାଇଲା ଘରଭଡ଼ା । କେତେ ଅନୁରୋଧ କଲେ ସୁଦ୍ଧା ଶୁଣିଲେନି । ଓଲଟି କହିଲେ, ଏତେ ବର୍ଷ ଓକିଲ ଲୋକ ମୋ ଘରେ ରହୁଛ, ଫନ୍ଦିଫିକର କରି ଘରକୁ ହାତେଇ ନେବୁ ନାଁ କଣ ? ହେମନ୍ତ ମର୍ମାହତ ହେଲେ । ଘରଭଡ଼ା ଦେଇ ନପାରିବାର ଅସାମର୍ଥ୍ୟତା ଠାରୁ ବଳି ଏଇ ଆରୋପ ତାଙ୍କୁ ଆଘାତ ଦେଲା । ସେଇ କ୍ଷଣି ବାହାରିଗଲେ ନୂଆ ଘରଭଡ଼ା ଖୋଜିବାକୁ ।

ସହରରେ ଯେଉଁ ଦାମ୍ ମିନିକୁ କହିଲେ କ'ଣ ବୁଝିବେ ? ନିଜ ପକେଟ୍‌କୁ ସୁହାଇଲେ ତ ହେମନ୍ତ ପୁଣି ସାହସ କରିବେ । ଭାଗ୍ୟ ଭଲ, ତାଙ୍କର ପୁରୁଣା କ୍ଲାଏଣ୍ଟ୍ ଥିଲା, ଅମଜାଦ୍ ଯିଏ ଏଇ ଘରଟା ଦେଇଛି ସୁଲଭ ମୂଲ୍ୟରେ । ତାକୁ ପୁଣି ଧନ୍ୟବାଦ ନ ଦେଇ କେତେ କଥା ଶୁଣାଇଦେଲେ ବାପା ।।

ଅମ୍‌ଜାଦ୍ ସହ ହେମନ୍ତଙ୍କ କୋର୍ଟରେ ପରିଚୟ ହୋଇଥିଲା । ଏକ ଜଘନ୍ୟ ଦୋଷର ଅପରାଧୀ ହୋଇ ସଜା କାଟିବାରୁ ମୁକୁଳିଥିଲା । ସେ କେବଳ ହେମନ୍ତଙ୍କ ପାଇଁ, ତେଣୁ ସେ ତାଙ୍କଠାରେ ଚିରକୃତଜ୍ଞ ଥିଲା । ଅନ୍ୟ ଓକିଲ ଏହାର ଚଢ଼ାଦର ନେଇଥା'ନ୍ତେ, ମାତ୍ର ହେମନ୍ତ ଜୋରଜବରଦସ୍ତ କରି କିଛି ଦାବୀ କରିନଥିଲେ ତା'ଠାରୁ । ସେ ଯାହା ଫି' ଦେଇଥିଲା ସେ ସହୃଦୟେ ଗ୍ରହଣ କରିଥିଲେ । ସେଦିନଠାରୁ ଅମ୍‌ଜାଦ୍ ତାଙ୍କୁ 'ଆଲ୍ଲାଙ୍କ ବନ୍ଦା' କହି ଆହୁରି ସମ୍ମାନ ଦିଏ । ଏତେ ଦିନ ପରେ ହେମନ୍ତଙ୍କ କଥା ଶୁଣି ତାଙ୍କ ସମସ୍ୟାର ସମାଧାନ କରିବାକୁ ଯାଇସେ ତା'ର ଏଇ ଘରଟି ଭଡ଼ାରେ ଦେଇଛି ହେମନ୍ତଙ୍କୁ । ସେଥିପାଇଁ ମା, ବାପା ଓ ମିନିର ରୋଷର ଶିକାର ହୋଇଛନ୍ତି । ଏ ସହରରେ ଆଉ କେଉଁଠି ଏମିତି ଜାଗା ମିଳିଲାନି ସେ ଶେଷରେ... ଛି ! ଛି ! ନାକ ଟେକି ମାଓ ମିନି ସବୁଦିନ ଏଇ ଘୋଷା ଲଗାଉଛନ୍ତି । ତେଣେ ବାପା କୋଉ କମ୍ ! ଶୀଘ୍ର ନୂଆ ଭଡ଼ାଘର ଠିକଣା କରିବାକୁ ଅହମିକା ଓ ଛାତିରେ କାତରତା ହେମନ୍ତଙ୍କୁ ଛନ୍ଦି ପକାଉଥିଲା ।

ସନ୍ଧ୍ୟାରେ ଘରକୁ ଫେରିଲା ପରେ ହେମନ୍ତ ଜାଣିବାକୁ ପାଇଲେ ଯେ, ମା'ର ଗୋଡ଼ ମୋଡ଼ି ହୋଇଯାଇଛି । ଶିଡ଼ିରୁ ଓହ୍ଲେଇଲା ବେଳେ ଏ ଦୁର୍ଘଟଣା ଘଟିଲା ଅବିଳମ୍ବେ ତାଙ୍କୁ ଡାକ୍ତର ଦେଖାଇବାର ପ୍ରସ୍ତବ ଦେଲାରୁ ସଙ୍ଗେ ସଙ୍ଗେ ମା' କହିଲେ, ଏ ଘର ଯୋଗୁଁ ଏମିତି ଅଧୋଗତି ଆସିଲା ଦିନ ଠାରୁ କ୍ଷୀର ପୋଡ଼ି ଯାଉଛି, ଦର୍ପଣଟା ଭାଙ୍ଗିଗଲା, କାହାରି ଦେହ ମନ ଠିକ୍ ରହୁନି । ହେମନ୍ତ କଥା ଆଗକୁ ନ ବଢ଼େଇ ସେ ସ୍ଥାନ ଛାଡ଼ି ଚାଲିଗଲେ । ସେ ଜାଣିଥିଲେ ତାଙ୍କ ଉପରେ ନୂଆ

ଘରର ଚାପ ପକାଇବାର ଏସବୁ ଅଲଗା ଅଲଗା ଫନ୍ଦିଫିକର ଚାଲିଛି ଶାଶୁ-ବୋହୂଙ୍କର । ଖାଇବା ସମୟରେ ପୁଣି ମିନି ଦୋହରାଇଲେ, ଆଜିକାଲି ଯେଉଁ ଯୁଗ ହେଲାଣି ଏମିତି ପରିବେଶରେ ପିଲାଙ୍କୁ ରଖିଲେ ନିଶ୍ଚିତ କିଛି ଅଘଟଣ ହେବ ଭବିଷ୍ୟତକୁ, ତୁମେ ଜାଣି ରଖ । ଆତଙ୍କବାଦୀ, ସନ୍ତ୍ରାସବାଦୀ ସବୁ ଏଇ ଗୋଷ୍ଠୀ ଲୋକଙ୍କ କାର୍ଯ୍ୟକଳାପ ।ମା'କୁ ସକାଳୁ ପୂଜାପାଠ ପାଇଁ ଭାରି ଅସୁବିଧା ହେଉଛି । ଏ ବୟସରେ ବ୍ରାହ୍ମମୁହୂର୍ତ୍ତରୁ ଉଠଡି ପୂଜା ପାଇଁ ମନ୍ତ୍ରଶ୍ଳୋକ ପଢ଼ିଲା ବେଳେ ଡାକବାଜିରୁ ଆଉ କିଛି କାନରେ ପଡୁଛି । ଦେହ ପ୍ରାଣ ଅଶୁଦ୍ଧ ହେଉଛି ବୋଲିକେତେ ଥର କହିଲେଣି, ତୁମେ ତାଙ୍କ ପୁଅ ହୋଇ ଏତିକି ବୁଝିପାରୁନ । ପୁଣି ନୀରବ ହୋଇ ରହିଲେ ହେମନ୍ତ । ନିଜ ନିଜ ପକ୍ଷ ରଖିବାରେ ସମସ୍ତେ ସଜାଗ; ମାତ୍ର ତାଙ୍କ ଅସହାୟତାକୁ କେହି.... ଏମିତି କି ମିନି ମଧ୍ୟ ବୁଝିପାରୁନାହାନ୍ତି ।

ରବିବାର ହେଲେ ବାପାଙ୍କୁ ଯେମିତି ହେଉ ଖାସି ମାଂସ ଦରକାର । ଏକଥା ସମସ୍ତେ ଜାଣନ୍ତି । ସକାଳୁ ବାପା ଚାଲିଗଲେ ମାଂସ ଆଣିବାକୁ । ଘରେ ପଶୁ ପଶୁ ମା'ର ପ୍ରଶ୍ନ, କେଉଁଠାରୁ ଆଣିଲ ? ଏଇ ପାଖରୁ । ଆମ ପୁରୁଣା ମାଂସବାଲା ତ କେତେ ଦୂରରେ ରହିଲା ଆଉ କେମିତି କରିବା । ମା' ଚିଡ଼ିଯାଇ କହିଲେ, ଶୀଘ୍ର ଯାଇ ଫେରାଇଦିଅ । କି ମାଂସ ହୋଇଥିବ ତୁମେ ଜାଣ କି ? ଏବେ କ'ଣ ସେ ଆଉ ଫେରାଇବ- ବ୍ୟାଗ୍‌କୁ ନଳ ପାଖରେ ରଖି ବାପା ଉତର ଦେଲେ । ସେଦିନ କେବଳ ହରତାଲ୍ । ଆଉ ଥରଠାରୁ ମାଛ ହିଁ ଆସିବ ଘରକୁ, ଏକ ପ୍ରକାରେ ନିୟମ କରି ସାରିଥିଲେ । ହେମନ୍ତଙ୍କୁ ଏସବୁ ଅସହ୍ୟ ହେଉଥିଲା । ମା'କୁ ତ କହି କିଛି ଲାଭ ନାହିଁ । ତେଣୁ ମିନିକୁ ବୁଝେଇବାର ଚେଷ୍ଟା କରୁଥିଲେ । ତାହା ମଧ୍ୟ ଫଳପ୍ରଦ ନଥିଲା । ଧୀରେ ଧୀରେ ଦିନ ଗଡ଼ି ଚାଲିଥିଲା ଓ ପରିବାର ଲୋକଙ୍କ ଆକ୍ଷେପ ମଧ । କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ନଥିଲା ଏହା ଠିକ୍ ଜାଣିଥିଲେ ହେମନ୍ତ ।ଆଜିକାଲି ମିନି, ଦିପୁକୁ ବୁଝାଇବାରେ ବ୍ୟସ୍ତ । ପାଖପଡ଼ିଶା ପିଲାଙ୍କ ସହ ବନ୍ଧୁତା ନକରିବାକୁ, ତା'ର କାରଣ ଓ ପରିମାଣ । ଚାରିଆଡ଼େ, ଘୃଣା ଓ ଅବିଶ୍ୱାସର ପରିବେଶ । ଭାବପ୍ରବଣ ପିଲାଙ୍କୁ ନିଜ ଜାଲରେ ପକାଇ କେତେ କ'ଣ ଭିଆଇ ଦେଇଛନ୍ତି ଏସବୁ ଲୋକ । ମିଛ ମିରିଚୀକା ମୋହରେ ଛଦ୍ମନାମ ଓ ବେଶରେ ବିଭିନ୍ନ ଆତଙ୍କବାଦୀ । ଗୋଷ୍ଠୀ ଏମିତି ଗଳିକନ୍ଦରେ ହିଁ ବଢ଼ୁଛି । ଥରେ ସେଇ ଫଂଚ ଅନ୍ଧାର ଭିତରେ ପାଦ ଦେଲେ ଫେରିବାର ବାଟ ନଥାଏ । ହେମନ୍ତ ଏସବୁ ଶୁଣନ୍ତି । ମିନି ନିଜ ହୃଦୟରୁ ସତେ ଯେମିତି ସବୁତକ ମାନବିକତା ଓ ହୃଦବୋଧ ଫିଙ୍ଗି ଦେଇଛନ୍ତି । ପିଲାଙ୍କୁ ଉପଦେଶ ଦେବା ଠିକ୍; ମାତ୍ର ଏମିତି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ନିଜ ପଡ଼ିଶାଙ୍କ ପ୍ରତି ତା' ମନରେ ଆକ୍ରୋଶ ସୃଷ୍ଟି କରାଇବା କେତେ ଦୂର ଯୁକ୍ତିଯୁକ୍ତ !

ପୁଣି ଆସିଲା ରବିବାର । ଆଜି ବାପାଙ୍କ ଜିଦ୍ ଥିଲା ଖାସି ମାଂସ ହିଁ ହେବ । ମା ଓ ମିନି ଯେତେ କହିଲେ ମାଛ ଆଣିବ, ସେ ଶୁଣିଲେନି । ଏତେ ଦିନ ହେଲା ମାଛ ଖାଇ ଖାଇ ମୋ ପାଟି ବାନ୍ଧି ହୋଇଗଲାଣି ; ଆଉ ନାହିଁ । ମିନିକୁ ମସଲା ପ୍ରସ୍ତୁତ କରିବାକୁ କହି ବାପା ଚାଲିଲେ ମାଂସ ଦୋକାନ ପଟେ । ହାତରେ ତାଙ୍କର ଚିରବାଞ୍ଛିତ ପଲିଥିନ୍ : ସେତିକି ବେଳେ ସାମ୍ନାରୁ ଦ୍ରୁତଗତିରେ ମାଡ଼ି ଆସୁଥିଲା ଟ୍ରକ୍‌ଟିଏ । ବାପାଙ୍କର ଆଉ ଖିଆଲ ନାହିଁ । ଅମଜାଦ୍ ଦୌଡ଼ିଯାଇ କୁଣ୍ଢେଇ ଧରିଲା ବାପାଙ୍କୁ; କିନ୍ତୁ ରାସ୍ତା ସାରା ବିଛେଇ ହୋଇଥିଲା ରକ୍ତ ଓ ପୁଳାଏ ମାଂସ । ସେ ମାଂସର ଉଷ୍ମତା ସଂଚରିଯାଇଥିଲା ବାପା ଓ ଅମ୍‌ଜାଦ୍ ଦୁହିଁଙ୍କ ଶିରାପ୍ରଶିରାରେ । ଦୁହେଁ ଥରୁଥିଲେ । ଅମ୍‌ଜାଦ୍ ନିଜ ଦୁଇବର୍ଷର ନାତିର ହାତଛାଡ଼ି ବାପାଙ୍କୁ ବଂଚାଇବା ପାଇଁ ଚାଲିଗଲା ଓ ଟ୍ରକ୍ ତଳେ ଚାପି ହୋଇଗଲା ସେଇ ଦୁଇ ବର୍ଷର ଶିଶୁ । ବାପାଙ୍କ ଆଖିରୁ ନିଗିଡ଼ି ଯାଉଥିଲା ଲୁହ । ତାଙ୍କ ହୃଦୟରେ ପଶ୍ଚାତାପ ବାରମ୍ବାର ପ୍ରଶ୍ନ କରୁଥିଲା- ମୋ ଦେହ ଓ ତା' ଦେହର ରକ୍ତର ରଙ୍ଗ କ'ଣ ଭିନ୍ନ ? ମୁଣ୍ଡ ପିଟି ପିଟି ଅମ୍‌ଜାଦ୍ କାନ୍ଦୁଥିଲା ।

ଭବାନୀପାଟଣା, କଳାହାଣ୍ଡି

# ଅନୁଭୂତିରେ ମା' ସାରଳା

– ଗୀତାଞ୍ଜଳୀ ନାୟକ

ସବୁବେଳେ ବହିଟିଏ ଧରି ପଢ଼ିବା ବେଳେ ପ୍ରାୟ ସମସ୍ତେ ଲେଖିଥାନ୍ତି ମା ସାରଳା ଙ୍କ କୃପାରୁ ବହିଟି ଲେଖି ପାରିଛି । ପାଲା ଗାୟକ ମଧ୍ୟ ପ୍ରଥମେ ସାରଳାଙ୍କୁ ସ୍ମରଣ କରି ପାଲା ଆରମ୍ଭ କରିଥାନ୍ତି । ମୁଁ ସବୁବେଳେ ଭାବେ ସତରେ ଦେବୀ ମା ଙ୍କର କେମିତି ରୂପ । ଫଟୋ କୁ ବହୁତ ନିରିକ୍ଷଣ କରି ଦେଖେ । ଭାବେ ସତେ କେତେ ସାନ୍ତମୟୀ ରୂପ । ପାଖରୁ କେବେ ଝଙ୍କଡ଼ ଯାଇ ଦେଖନ୍ତି କି, ବହୁତ ଥର ଚେଷ୍ଟା କରିଛି । ହେଲେ କିଛି ନା କିଛି ଅସୁବିଧା ଯୋଗୁଁ ଯାଇ ପାରିନଥାଏ । ମା ଙ୍କୁ ଥରେ ଦର୍ଶନ କରିଥିଲି ବାପାଙ୍କ ସାଙ୍ଗରେ । ହେଲେ ବହୁତ ଛୋଟ ଥିଲି । ସବୁବେଳେ ମନେ ପକେଇବାକୁ ଚେଷ୍ଟା କରେ । ଭାବେ ମନ୍ଦିରଟି କେମିତି ? ଆଉ ଜ୍ଞାନ ପ୍ରଦାୟିନୀ ମା କେମିତି ସାଜ ସଜାରେ ଦେଖା ଯାଆନ୍ତି । ହେଲେ ଜମା ମନେ ପଡ଼େନି, ସତରେ ସମସ୍ତଙ୍କ ଇଚ୍ଛା ତ ମା ପୁରଣ କରିଛନ୍ତି । ସବୁ ଦେବୀଙ୍କ ଠାରୁ ନିଆରା । କାଳିଦାସଙ୍କ ଭଳି ମୂର୍ଖକୁ ଯିଏ ନିଜ ଜ୍ଞାନ ଆଲୋକରେ ଆଲୋକିତ କରି କାଳିଦାସ ଙ୍କୁ ମହାଜ୍ଞାନୀ ଶ୍ରେଷ୍ଠ ପଣ୍ଡିତରେ ସଜେଇ ଦେଇଥିଲେ । ସତରେ ମା କରୁଣାରୁ କେହି ତ କେବେ ବଂଚିତ ହେଇ ନାହାନ୍ତି । ମୁଁ କାହିଁକି ଦେଖି ପାରୁନି ? ମୋର ତ ସେମିତି କିଛି ମାଗିବାର ନାହିଁ । ଖାଲି ଦେଖିବି । ଦିନେ ଭାବିଲି, ମୁଁ ଚେଷ୍ଟା କରୁନି ଯିବାକୁ । ମିଛଟାରେ ମା ଉପରେ ଦୋଷ ଲଦି ଦେଉଛି । ଦିନେ ରାତିରେ ଅସ୍ଥିର ଲାଗିଲା । ପିଲାମାନେ ବାହାରେ ପଢୁଥାନ୍ତି । ପାଖରେ କେହି ନ ଥାନ୍ତି । ମୋ ଭାଣେଜି ପ୍ରାୟ ସବୁବେଳେ ମୋ ପାଖରେ ରୁହନ୍ତି । ସକାଳୁ ଉଠି ତାଙ୍କୁ ଡାକିଲି । 'ମାମା' ଉଠ ଯିବା ଗୋଟେ ଜାଗା । ସିଏ କହିଲେ ତମର କଣ ହେଇଛି ? କୁଆଡ଼େ ସକାଳୁ ସକାଳୁ ଯିବାକୁ ଡାକୁଛ ? ମୁଁ କହିଲି ସାରଳାଙ୍କ ପାଖକୁ ଯିବା । ସିଏ କହିଲେ ଆମେ କେମିତି ଯିବା ? ବାଟ କୁଆଡ଼େ କିଛି ଜାଣିନୁ ଯିବା କେମିତି ? ମୁଁ କହିଲି ଚାଲ ବାଦାମ୍‌ବାଡ଼ି ଯିବା, ସେଉଠୁ ପଚାରି ବୁଝିବା କୋଉ ବସ୍ କେତେ ବେଳେ ଝଙ୍କଡ଼ ଜାଉଛି । ତା ପରେ ଦୁଇଜଣ ପହଂଚିଲୁ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡରେ । ଯୋଗକୁ ଜଣକୁ ପଚାରିବାରୁ ସେ କହିଲା 'ଗରୁଡ଼' ବସ୍ 'ମା ସାରଳାଙ୍କ ପୀଠକୁ ଏବେ ଯିବା ପାଇଁ ଲାଇନ୍‌ରେ ଅଛି । ୯ଟା ରେ ଛାଡ଼ିବ । ଆମେ ଆଉ ବିଳମ୍ବ ନ କରି ଶୀଘ୍ର ଯାଇ ବସ୍‌ରେ ବସି ପଡ଼ିଲୁ । ଯିବା ବେଳେ ଏଣେ ଭୟ ଥାଏ । ଆମେ କାହାକୁ କିଛି ନ କହି ଝଙ୍କଡ଼ ଯାଉଛୁ । ମୋ ମୁଣ୍ଡରେ ଗୋଟିଏ କଥା ଥାଏ 'ମା' ଙ୍କୁ ମୋର ଯାହା ବି ହେଲେ ଦର୍ଶନ କରିବି । ତେଣୁ ଫୋନ୍ କରିକି କାହାକୁ କହିବାଟା ମୋର ଜମା ମନେ ପଡ଼ିଲାନି । ଯାଇ କି ପହଂଚିଲୁ । ବସ୍ ପୁରା ମନ୍ଦିର ସାମ୍ନାରେ ରହିଲା । ତେଣୁ ଆମର କିଛି ଅସୁବିଧା ହେଲାନି । ମନରେ ମୋର ଆନନ୍ଦର ସୀମା ନ ଥାଏ । ଖରାବେଳେ ଧୂପ ଲାଗି ପ୍ରସ୍ତୁତ ଚାଲିଥାଏ । ଭୋଗ, ରାଗ କରି 'ମା' ସାମ୍ନାରେ ବସି ପଡ଼ିଲୁ । କାହିଁକି କେଜାଣି ଖାଲିଟାରେ ଆଖିରୁ ଲୁହ ବହିଯାଉଥାଏ । ନନା ଜଣେ ଆସି କହିଲେ, ଆସ ପାଖରୁ ଦର୍ଶନ କରି ଆସିବ । ମୁଁ ତୁମକୁ ଦର୍ଶନ କରେଇ ଦେବି । ଆମେ ଯାଇ ଦର୍ଶନ କଲୁ । ମୁଁ ପୁରା ଭାବ ବିହ୍ୱଳ ହେଇଯାଉଥାଏ । ତା ପରେ ନନା ଜଣଙ୍କ ପଚାରିଲେ

କୋଉଠୁ ଆସିଛ ? ଆମେ କହିଲୁ କଟକରୁ ଆସିଛୁ । ସେ କହିଲେ ଏତେ ବାଟରୁ ସକାଳୁ ଆସିବଣି, ଖାଇବ କ'ଣ ? ସବୁ ତ ବରାଦଦିଆ ପ୍ରସାଦ ସରିଗଲାଣି । ତୁମେ ନ ଖାଇ ସେଠି ବସିଥିଲ କାହିଁକି ? ଆମେ କହିଲୁ ହଉ ଘରକୁ ଗଲେ ଖାଇବୁ । ସେ କହିଲେ ଆସ, ଆମେ ତାଙ୍କ ସାଙ୍ଗରେ ଗଲୁ । ତାଙ୍କ ପାଇଁ 'ମା' ଙ୍କ ପାଖରେ ଲାଗିଥିବା ଭୋଗ ଥାଳି ଆସିଥାଏ । ଗୋଟେ ବଡ଼ ଥାଳିରୁ ସବୁ ପ୍ରକାର ଭଜା, ତରକାରୀ, ଖୀରି, ଖଟା, ଡାଲମା, ଭାତ ଦେଲେ ଆମେ ତ ବହୁତ ଭୋକିଲା ଥିଲୁ । ଖାଇ ଦେଇ ପାଣି ଟିକେ ପିଇଦେଇ 'ମା' ମୋ ଜୀବନ ଧନ୍ୟ ହେଲା ବୋଲି କହି ମୁଣ୍ଡିଆ ଟିଏ ମାରି ବସ୍ ପାଖକୁ ଆସିଲୁ । ବସ୍‌ଟିରେ ଡ୍ରାଇଭର କି ଯାତ୍ରୀ କେହି ନ ଥିଲେ । ଭାବିଲୁ ବସ୍ କଣ୍ଡକ୍ଟର ତ କହିଥିଲା ଫୋନ୍ କରିବ ବସ୍ ଛାଡ଼ିଲା ବେଳକୁ ବରଗଛ ମୂଳେ ଟିକେ ବସି ପଡ଼ିଲୁ । ଆଉ କୋଉଠି ଦହିବାଲି ଟିଏ ଥିଲା ଆସି ଥକା ମାରି ବରଗଛ ମୂଳେ ବସି ପଡ଼ିଲା । କହିଲା ଭଲ ଦହି ପିଅ । ବାଧ୍ୟ କଲା । ଆମେ ଦହି ପିଇବା ଭିତରେ କେତେବେଳେ ବସ୍‌ଟି ଚାଲି ଯାଇଛି । ଆମେ ବହୁତ ବ୍ୟସ୍ତ, ବିବ୍ରତ ହୋଇଗଲୁ । କ'ଣ କରିବୁ ? କେମିତି ଫେରିବୁ ? କାହିଁକି ନା ସେଠୁ ଆଉ କୌଣସି ଗାଡ଼ି ନାହିଁ କଟକ ଯିବା ପାଇଁ । ରାସ୍ତାରେ ଠିଆ ହେଇ କଣ୍ଡକ୍ଟର କୁ ଫୋନ୍ କଲୁ । ମୁଁ ପଚାରିଲି ମୋ ନମ୍ବର ରଖିଥିଲ, ଗାଡ଼ି ଛାଡ଼ିବା ପୂର୍ବରୁ କହିଥିଲ ଫୋନ୍ କରିବ । ହେଲେ ଗାଡ଼ି ଚାଲିଗଲାଣି ଆମେ କ'ଣ କରିବୁ ? କେମିତି ଯିବୁ ? ସେ କହିଲା ତୁମେ ଗୋଟେ ଅଟୋ କରି ଆସ ଭାରି ମୁଁ ଦୁଇଟା ଷ୍ଟପେଜ୍ ରେ ଟିକେ ବସ୍ ଅଧିକା ସମୟ ରଖିଦେବି । ତୁମେ ଶୀଘ୍ର ଆସ । ଦେଖିଲାବେଳକୁ ଅଟୋ ଟିଏ ଥୁଆ ହୋଇଛି । ହେଲେ ଡ୍ରାଇଭର କେହି ନାହାନ୍ତି । କ'ଣ କରିବୁ ? ନନା ଜଣକ ବାହାରକୁ ଆସିଲେ । ଆମକୁ ଦେଖି ପଚାରିଲେ ସବୁ କଥା, ଆମଠୁ ସବୁ ସମସ୍ୟା ଜାଣିଲେ । ସେ ପାଖରେ ଗୋଟେ ଛୋଟ ପିଲାଟିଏ ବସିଥିଲା ତାକୁ ୧୩ କି ୧୪ ବର୍ଷ ହେବ । ରାସ୍ତା କଡ଼ରେ ଅଟୋର ଆଗ ସିଟ୍ ଟାକୁ କାଢ଼ି ନେଇ ପକେଇ ଦେଇ ଛୋଟ ଛୋଟ ଖେଳନା ଏବଂ ଛୋଟ ଛୋଟ ଫଟୋ ବିକୁଥାଏ । ନନା ସେହି ପିଲାଟିକୁ କହିଲେ ଅଟୋରେ ଟିକେ ଏମାନଙ୍କୁ ନେଇଜା ଗରୁଡ଼ ବସ୍ ଫେଲ ହେଇଯାଇଛନ୍ତି । ତାଙ୍କୁ ଟିକେ ଛାଡ଼ିଦେବୁ । ପିଲାଟି ଅଟୋ ସିଟ୍‌ଟାକୁ ଟେକି ଆଣି ଅଟୋରେ ରଖିଦେଲା । ବୋତଲ ଟିରେ ପେଟ୍ରୋଲ ବୋଧେ ଥିଲା, ତାକୁ ନେଇ ଅଟୋରେ ପକେଇ ଦେଇ ଅଟୋ ଷ୍ଟାର୍ଟ୍ କଲା । ଏତେ ଛୋଟ ପିଲାକୁ ଦେଖି ଆମକୁ ଡର ଲାଗୁଥାଏ । ନନା ଏ ଛୋଟ ପିଲାଟିକୁ କହିଲେ, ଆମେ ଆଜି ବୋଧେ ମଲୁ । ପିଲାଟି କଣ୍ଡକ୍ଟରକୁ ଫୋନ କରି ବୁଝିଲା କୋଉ ଷ୍ଟପେଜରେ ବସ୍ ଅଛି । ପିଲାଟି ଆମକୁ କହିଲା ରାସ୍ତା ଖରାପ ଅଛି । ଜୋରରେ ଧରିକି ବସିଥାଅ । ଆମେ ଧରିଥାଉ । ହେଲେ ସିଏ ଜୋଉ ସ୍ପିଡ୍‌ରେ ଆମକୁ ନେଉଥାଏ । ଆମର ପାଟିରୁ କଥା ବାହାରୁ ନଥାଏ । ଖାଲି 'ମା'ଙ୍କୁ ଡାକି ଡାକି ଯାଉଥାଉ । ପୁଣି ସେ ଜୋଉ ସରୁ ରାସ୍ତା ଆମେ ବହୁତ ଡରିଯାଇଥିଲୁ । ଶେଷରେ ପିଲାଟି ନେଇ ବସ୍ ପାଖରେ ପହଂଚେଇ ଦେଲା । ଆମ ଦେହରେ ଜୀବନ ପସିଲା । ପଇସା କଥା ପଚାରିବାରୁ କହିଲା ଯାହା ଦିଅ । ୧୦୦ଟଙ୍କା ଟିଏ ଦେଇ ବସରେ ଆସିଲୁ । ସତରେ ସେଇ ସମୟର ଅନୁଭୂତୀ କେବଳ ଯିଏ ଅନୁଭବ କରିଥିବ ସିଏ ଜାଣିଥିବ । ମୋ ଭାଣେଜି ଏବେ ବି କୁହନ୍ତି ମାଇଁ ଆମେ 'ମା' ଙ୍କୁ ସବୁବେଳେ ମନେ ପକେଇବା ପାଇଁ ବୋଧେ ଏ ସବୁ ଥିଲା ତାଙ୍କର ବରାଦ୍ । ମୁଁ କହିଲି ନାଇଁ 'ମା' ତାଙ୍କ ପାଖରେ ଆଉ ଟିକେ ସମୟ ରଖିବାକୁ ଚାହୁଁଥିଲେ । କାହିଁକି ନାଁ ମା କଣ ତା ପିଲାକୁ ଏତେ ଦିନ ପରେ ଦେଖି ଛାଡ଼ିବାକୁ ମନ ହେବ ? ସିଏ

ପରା 'ମା, ସବୁ ପରେ ଭଲରେ, ଭଲରେ 'ମା' ମୋର ପହଞ୍ଚେଇ ଦେଲେ ।

ହେଲେ ସେହି ଦିନରୁ ସ୍ମୃତି ଏବେ ବି ମନ ଭିତରେ ସ୍ପଷ୍ଟ ହେଇଯାଏ । ମୁଁ ଦେଖିବାକୁ ଯେମିତି ବ୍ୟାକୁଳ ଥିଲି ମା ମୋର ଯେମିତି ସବୁ ମୋ ପାଇଁ ସଜାଡ଼ି ଯେମିତି ଅପେକ୍ଷା କରିଛନ୍ତି । କାହିଁକି ନାଁ ମନ୍ଦିର ଭୋଗ ଲାଗିବା ପରେ ପହଡ଼ ପଡ଼ିଯିବା କଥା । କିନ୍ତୁ ମତେ ଆଶ୍ଚର୍ଯ୍ୟ ଲାଗୁଛି, ନନା ପୁରା ଭିତରକୁ ଆମକୁ ନେଇ ମା ଙ୍କର ପୂଜା, ଦର୍ଶନ କରେଇଲେ । ତାପରେ ଖାଇବା ସରିଜାଇ ଥାଏ । ପୁଣି ସେଇ ନନା ହିଁ ସେଇଠି ଦେଖା ହେଲେ । ସେ ତ ଭୋଗ, ରାଗ ଆମର କରି ସାରି ଥିଲେ । ପୁଣି ଅଚାନକ ଭେଟ ହେଇ ନିଜ ଖାଇବାରୁ ଦେଲେ । ସବୁଠୁ ବଡ଼ କଥା ହେଲା ଆଶ୍ଚର୍ଯ୍ୟ ଲାଗେ ଯେ ନନା ତ ଖାଇ ନ ଥିଲେ । ଆମକୁ ଖାଇବାକୁ ଦେଇ ଆମେ ଖାଇବା ପରେ ସେ ଖାଇବା କଥା । ଅଚାନକ ମନ୍ଦିର ଭିତରୁ ରାସ୍ତାକୁ କାହିଁକି ଆସିଲେ ? ଆଉ ସତରେ ସେ ପିଲାଟିକୁ ଯିଏ ନ ଦେଖି ଥିବ ଜାଣି ପାରିବନି । ଏତେ ଛୋଟ ପିଲାଟିଏ । ସେ ପୁଣି ଆଣି ପହଞ୍ଚାଇଲା । ଏ ସବୁ ଭାବିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ ।

ଏ ସବୁ ମୋ 'ମା ସାରଳା' ଙ୍କ ଅପାର କରୁଣା ନୁହେଁ ତ ? ସତରେ ମାଆ ଟିଏ ପରି ମାଆ ଟିଏ । ଏବେ ବି ଲେଖିବା ସମୟରେ ମୋ ଆଖି ଲୁହରେ ଭିଜି ଯାଉଛି । ମୋ 'ମା' ଜ୍ଞାନର ଆଲୋକ ରେ ମନୁଷ୍ୟର ଜୀବନକୁ ସଜେଇ ଦିଅନ୍ତି । 'ମା' ମୋର ଏତେ ଦୟାବତୀ ମାଗିବା ଦରକାର ପଡ଼େନି । ସନ୍ତାନ ମନର ସବୁ ଭାଷା, ଭାବନାକୁ ସହଜରେ ପଢ଼ି ଆଶା ଠାରୁ ଅଧିକ ଦିଅନ୍ତି । ସତରେ କୋଉ ଶବ୍ଦ ରେ କଣ ବା 'ମା' ର ମହିମା ବର୍ଣ୍ଣନା କରିପାରିବି । ମୋର ବା ଏତେ ଜ୍ଞାନ ନାହିଁ । ଏତେ ବଡ଼ ଜ୍ଞାନର ମହାସାଗର ଜାହାର, ମୁଁ ବା ଛାର ମନୁଷ୍ୟର ଏତେ ଶକ୍ତି କାହିଁ । ମୁଁ ଭାବୁଛି ଏ ସବୁ ଲେଖା ବୋଧେ ମୋ ମାଆ ଝଙ୍କଡ଼ ବାସୀନି ସାରଳାଙ୍କ ଅପାର କୃପାର ଫଳ । 'ମା' ଙ୍କୁ ମୋର ଅସୀମ ଭକ୍ତି ଭରା ପ୍ରଣାମ ଜଣଉଛି ।

ନୂଆପଡ଼ା, କଟକ



# ଅସପନ ବଣିକ : ନଳିଆ

ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଆଖିରେ ଚମକ ନାହିଁ, ସପନ ନାହିଁ । ଶେତା ଶେତା ମୁହଁରେ ଭିତରକୁ ପଶିଯାଇଥିବା ଆଖି ଦୁଇଟି ପେଜୁଆ ପେଜୁଆ । ଦେହ ତ ନୁହଁ ଯେମିତି ବିଜ୍ଞାନାଗାରରେ ଝୁଲୁଥିବା କଙ୍କାଳଟେ ଆସି ଲୋକଗହଳିରେ ବୁଲାଚଲା କରୁଛି । ହଁ ଦେହ ଉପରେ ଚର୍ମଟା ହିଁ ଢ଼ାଙ୍କି ହୋଇଛି କେବଳ । ପେଟରେ ସବୁବେଳେ ଭୋକ । ହେଲେ ଅନେକ ସମୟରେ ଭୋକକୁ ଭୁଲାଇବା ପାଇଁ ଶୋଷକୁ ନିଜରକରିବାକୁ ପଡେ । ମାନେ ଭୋକ ହେଲାତ ନଳକୂଅ ପାଖକୁ ଯାଇ ଢ଼କ୍ ଢ଼କ୍ ପେଟ ପୁରିବା ଯାଏଁ ପାଣି ପି' ପକାଏ । କେବେ କେମିତି ପେଟ ପୁରିଗଲା ତ ଓଃ.... କି, ଶାନ୍ତି । ବାସ୍..... ଏଇଠି ହିଁ ଜୀବନର ସବୁ ଆଗତ ଭବିଷ୍ୟତର ପରିସମାପ୍ତି ।

ଏତେ କଥା ଯେଉଁ ଲୋକ ବିଷୟରେ, ସେ ରହେ ନିହାତି ଏକ ମଫସଲ ଗାଁ ରେ । ଗାଁ ରେ ତା'ର କେହି ନାହିଁ କି ତା'ର ନିଜସ୍ୱ ବୋଲି କିଛି ନାହିଁ । ଯେମିତି ତା'ର ଭବିଷ୍ୟତ କ'ଣ ତାକୁ ଜଣା ନାହିଁ ସେମିତି ଅତୀତକୁ ମଧ୍ୟ ସେ ଯେମିତି ଜାଣିଶୁଣି ପାସୋରି ଦେବାକୁ ଚାହିଁଛି । କାହାକୁ କିଛି କହେନି । ହଁ, ଜାଣିବା ଶୁଣିବା ଗାଁ ଲୋକେ କହନ୍ତି - ଏ ଲୋକ ଅନେଶତ ବାତ୍ୟା ପରେ ପରେ ଏ ଗାଁ କୁ ଆସିଥିଲା । ଏକୁଟିଆ, ଖୁବ୍ କମ୍ ବୟସର ବକଟେ ପିଲା ଭାବରେ । ଆଜି ସେ ଲୋକଟେ ହେଲାଣି ।

"ଏ ନଳିଆ, ଆ' ଖେତକୁ ଯିବା ।" ଗାଁର ଜଣେ ଥିଲାବାଲା ଲୋକ ସୁରେଶ ଡାକିଲା । "ହଁ, ଯାଉଛି ।" ନଳିଆକୁ ଗାଁର ଯାହାର ଯେଉଁ କାମ ଥିବ, ସେହି ସମୟରେ ହିଁ ଡାକିନିଅନ୍ତି । କିନ୍ତୁ ନଳିଆର ବଳବପୁକୁ ଦେଖି ତା'ଠୁ ଯେ କିଛି ବେଶୀ କାମ ଆଦାୟ କରିହେବ, ଏ ଆଶା ସେମାନଙ୍କଠି ନଥାଏ । ନଳିଆ କିନ୍ତୁ ଖୁବ୍ ମନ ଲଗାଇ କାମ କରେ । ଝାଳନାଳ ହୋଇ ନିଜର ସବୁ ବଳକୁ ଖଟାଏ । ଯାହା ଖେତରେ କାମ କରେ ସେମାନେ ହିଁ ଯେତିକି ଦିଅନ୍ତି ତାକୁ ହିଁ ଖାଇନିଏ ଓ ଆସି ଗାଁ ଭାଗବତ ଟୁଙ୍ଗୀର ବାରଣ୍ଡା କୋଣରେ ନିଘୋଡ ନିଦରେ ଶୋଇପଡେ ।

ନଳିଆକୁ କେବେ କେମିତି କିଏ ଦୁଇ-ଚାରିଖଣ୍ଡ ପୁରୁଣା ଲୁଗା ଦେଇ ଦିଅନ୍ତି ତ କିଏ କିଏ ଦୁଇ-ଚାରି ଟଙ୍କା ଧରାଇ ଦିଅନ୍ତି । କିଏ ମୁଢ଼ି ମୁଠେ, ବିସ୍କୁଟ ଦୁଇ-ଚାରିଟା, ଚଣା ମୁଠେ, ବାସି ଚକୁଳି ପିଠା ଖଣ୍ଡେ ବଢ଼େଇ ଦେଇ ଥାନ୍ତି ହାତକୁ । ନଳିଆ ତା'ବଦଳରେ ବୋଲହାକ କରି ଦି'ଚାରିଟା କାମ ବି ନଳିଆ ଠାରୁ ଆଦାୟ କରିନିଅନ୍ତି ।

ଗାଁରେ ପୁନେଇପରବ ବେଳେ ନଳିଆକୁ ଖୁବ୍ ଖାଇବାକୁ ମିଳେ । ମଣ୍ଡା, ଛୁଞ୍ଚିପତ୍ର ପିଠା, ଆରିସାରେ ତା'ର ଗାମୁଛା ଯେମିତି ଭରିଯାଏ । ତିନି ଦିନ ଯାଏଁ ସେଇ ପିଠାକୁ ଖାଏ ।

ନଳିଆ କେବେ ବି ପରିଶ୍ରମକୁ ଡରେ ନାହିଁ । କାହା ଆଗରେ ହାତ ପତାଏ ନାହିଁ । କାହା ଆଗରେ ହାରିଗୁହାରୀ କରେ ନାହିଁ । କାହା ପାଦକୁ ଧରି କାକୁତି ମିନତି ହୁଏ ନାହିଁ କି କାହା ପାଖରୁ କିଛି ଚୋରି କରି ଆଣେ ନାହିଁ । ହକ୍ କାମକରେ– ଯାହା ବି ମିଳେ ତାକୁ ଖାଇ ଦିନଟେ ବିତାଇ ଦିଏ ।

ନଳିଆର କାହା ଉପରେ କିଛି ଅଭିଯୋଗ ନାହିଁ । ତା' ଉପରେ ବି କାହାରି କିଛି ଆଶା ନାହିଁ। ଜୀବନଟେ କେତେ ସୁରୁଖୁରୁରେ ଚଳେ । ବିନା ସପ୍ନରେ, ବିନା ଆକାଂକ୍ଷାରେ ଜୀବନଟେ ଯେମିତି ଆଗକୁ ଆଗକୁ ଠେଲି ହୋଇ ଯାଉଥାଏ ।

ନଳିଆ କେବେ ମୁହଁ ଶୁଖାଇ ବସିଥିବାର ଗାଁର କେହି ଦେଖିନାହାନ୍ତି । ସବୁବେଳେ କିଛି ନା କିଛି ଗୁଣୁଗୁଣାଉଥାଏ। ସମସ୍ତଙ୍କ ସହ ହସି ହସି କଥା କୁହେ । ସମସ୍ତଙ୍କ ବୋଲହାକ ମାନେ । ଯିଏ ଯାହା ଦେଲେ ଖୁସି ମନରେ ତାକୁ ଗ୍ରହଣ କରେ ।

ନଳିଆକୁ ଦେଖିଲେ ଗୋଟେ ପ୍ରକାର ଅଜବ ଲାଗେ । ଅଜବ ଏଇଥିପାଇଁ ଯେ ଏ ଲୋକର ଦୁଃଖ ଯଦି

ଗଣାଯିବ, ତା'ର ତ ହିସାବ ମିଳିବ ନାହିଁ । କିନ୍ତୁ ବେଳେ ବେଳ ଲାଗେ ନଳିଆ କେଉଁ ସୁଖର ଜୀବନ ଜିଉଁଛି ଯେ ! ତେଣୁ ତା ହାଡୁଆ ମୁହଁରେ ଚିନ୍ତାର ସାମାନ୍ୟତମ ସୂଚନା ଦେଖିବାକୁ ମିଳେ ନାହିଁ ।

ନଳିଆ ଗାଁ ପିଲାମାନଙ୍କୁ ଖୁବ୍ ଭଲପାଏ । ତାଙ୍କ ସହ ଖେଳେ । ଖେଳେ ନାହିଁ, ବରଂ ତାଙ୍କ ଖେଳରେ ସାହାଯ୍ୟ କରେ । ଯେମିତି କ୍ରିକେଟ୍ ବଲ୍‌କୁ ଦୂର ଜାଗାରୁ ଗୋଟାଇ ଆଣେ । ଆଉଟ୍ ହୋଇଯାଇଥିବା ଫୁଟବଲ୍‌କୁ ଧଇଁସଇଁ ହୋଇ ଦଉଡ଼ି ଯାଇ ନେଇଆସେ । ପିଲାମାନେ ଦାଣ୍ଡରେ ଦୌଡ଼ାଦୌଡ଼ି କରୁଥିଲେ ସେ ଗୋଟେ ଜାଗାରେ ନିର୍ବାକ ଭଳି ଠିଆ ହୋଇ ଆରମ୍ଭ କି ଶେଷ ଚିହ୍ନ ପାଲଟେ ।

ନଳିଆ କଥାକୁ ଯେତେ ଭାବିଲେ ସେତେ ଆଶ୍ଚର୍ଯ୍ୟ ଲାଗେ । ଲାଗେ ଏ ଲୋକ ବଂଚିଛିତ, ସେ ପୁଣି ବେଶ୍ ହସ ଖୁସିରେ । ଘର ଦ୍ୱାର ନାହଁ, ପଇସା ପତ୍ର ନାହିଁ, କିଛିବୋଲି ତ କିଛି ନାହିଁ ତା' ପାଖରେ । ଏକାନ୍ତ ନିଃସ୍ୱ । ହେଲେ ନଳିଆ ଖୁସିରେଥିବା ପରି ଗାଁର କେହି ତ ଲାଗନ୍ତି ନାହିଁ । ଏତେ ଏତେ ଜମିବାଡ଼ି, ଏତେ ଏତେ ଧନ ଦୌଲତ, ଏତେ ଏତେ ପଦପଦବୀରେ ଥିବା ଗାଁ ଲୋକ ତ ସବୁବେଳେ ଚିନ୍ତାର ଭାରରେ ଯେମିତି ବୋଝେଇ ହୋଇ ପଡିଥାନ୍ତି । ଧନ,ଦୌଲତ ସାଇତିବାରେ କିମ୍ବା ଧନ, ଦୌଲତ ବଢ଼ାଇବା ପାଇଁ କେତେ କେତେ ଧାଁ, ଧପଡ଼ କରୁଥାନ୍ତି । ଧନ,ଦୌଲତ ପାଇଁ ପିଟାମରା ବି ହୁଅନ୍ତି । ଚାକିରୀ-ବାକିରୀ ପାଇଁ ସେମାନେ କେଉଁ କେଉଁ ସ୍ତରକୁ ନ ଓହ୍ଲାନ୍ତି । ହେଲେ ନଳିଆର ହୋଲ୍ ନାହିଁ, ଡୋଲ୍ ନାହିଁ ।

ଦିନେ ନଳିଆକୁ ଜଣେ ଯାଇ ପଚାରୁ ପଚାରୁ ପଚାରି ଦେଲା -

"ନଳିଆ, ତୋର ମନରେ କ'ଣ କିଛି ସ୍ୱପ୍ନ ନାହିଁ ?"

ନଳିଆ ତା' ମୁହଁକୁ ବଲ ବଲ କରି ଅନାଇଲା ।

"ଆରେ ପଚାରୁଛି ପରା, ତୋର ଭବିଷ୍ୟତ ଆଶା, ଆକାଂକ୍ଷା ନାହିଁ ?"



ନଳଆ ତା´ ମୁହକୁ ସେଇମତ ବଲବଲ କର ଅନାଇଲା ।

ଆରେ, ତୁ ଆଗକୁ କ'ଣ ହେବୁ ? ତୋର ଘରଦ୍ୱାର

ତୋର ସୁଖ, ସୁବିଧା, ତୋର ସ୍ୱପ୍ନ ?

ନଳିଆ ଏଥର ନ ହସି ରହି ପାରିଲା ନାହିଁ ।

ଫେଁକିନା ହସିଦେଲା, ହେଲେ ପ୍ରଶ୍ନ ପଚାରୁଥିବା

ଲୋକକୁ ଲାଗିଲା ଯେମିତି ନଳିଆ ହସୁନାହିଁ ତ

ତା' ଗାଲରେ ଠୋ' କିନା ଚାପୁଡ଼ା ଟେ ମାରିଦେଲା ।

ନଳିଆ ସେମିତି ହସି ହସି ଗୁଣୁଗୁଣାଇ ଗୁଣୁଗୁଣାଇ ସେଠାରୁ ଚାଲିଗଲା ।

ଅଧ୍ୟାପକ
ଖ୍ରୀଷ୍ଟ ମହାବିଦ୍ୟାଳୟ
କଟକ

# ମୁଁ ମକରା ପାଗଳ

- ଡଃ ବିଭୁଦତ୍ତ ଖଣ୍ଡାୟତରାୟ

ବବ୍‌ଲୁ ତୁ କେମିତି ଅଛୁ ? କେତେଦିନ ହେଲାଣି ତୁ ତ କାହିଁକି ଆମ ଘର ଆଡେ ଆସୁନୁ ? ତୁ କ'ଣ ଆଉ ବର କୋଳି ଖାଇବୁନି ? ବବ୍‌ଲୁ ସବୁ ଶୁଣି ମଧ୍ୟ ନ ଶୁଣିଲା ପରି ବାଟ କାଟି ଧିରେ ଧିରେ ଆଗକୁ ପଳାଇ ଯାଉଥାଏ, ମକରାର କଥାରେ । ସିଏ ଯେତେ କହିଲେବି- ଆରେ ମୁଁ ତୋର ମକୁଦାଦା । ତୋତେ ମୁଁ ଏଇ କାନ୍ଧରେ କେତେ ନାଉ କରି ନ ବୁଲେଇଛି । ମୋତେ ଚିହ୍ନିପାରୁନୁ ? ମୁଁ ଘୋଡା ହେଲେ  ତୁ ମୋ ପିଠିରେ ବସି ସବୁ ଭାତ ଖାଇ ଦେଉଥିଲୁ, ତୋର ମନେ ନାଇଁକି ? ଆଜି ପୁଣି କ'ଣ ହେଲା ? ତୁ ଏମିତି ମୋଠୁ ଦୂରେଇ ଯାଉଛୁ ? କ'ଣ ବଡ ହୋଇ ତୁ ସ୍କୁଲ୍ ଗଲୁଣି ବୋଲି । ସେଥିପାଇଁ ମୋ ସାଙ୍ଗରେ କଥା ହେବୁନି ? 'ନାହିଁ ମକୁଦାଦା ସେ କଥା ନୁହେଁ ? ମା' କହୁଥିଲେ ତମେ କୁଆଡେ ବାୟା ହୋଇଯାଇଛ । ତମ ମୁଣ୍ଡ କାମ କରୁନି । ସେଥିପାଇଁ ତମ ସାଙ୍ଗରେ କଥା ନ ହେଉନି, ନ ହେଲେ ଆଉ କିଛି ନାହିଁ ।' 'ତା' ହେଲେ ତୁ ବି କ'ଣ ସମସ୍ତଙ୍କ ପରି ମୋତେ ମକରାବାୟା ଡାକିବୁ । ଆଜି ସବୁଠି ବାଟରେ ଘାଟରେ ସବୁଆଡେ ମୋର ଚିହ୍ନା ଓ ଅଚିହ୍ନା ଲୋକ ମୋତେ ମକରା ପାଗଳ ବୋଲି ଡାକୁଛନ୍ତି । ତୁ ବି ତୋର ମକାଦାଦାକୁ ମକରା ପାଗଳ ବୋଲି ଡାକିବୁ ।'

'ଛୋଟଟେ ହୋଇଥିଲୁ ଏ ଗାଲକୁ ତୁ କେତେ ଚାପୁଡା ନ ମାରିଛୁ ତୋର ସେ କୁନି କୁନି ନଖରେ ଏ ହାତକୁ ମୋର କେତେ ଖଣ୍ଡିଆ କରିଛୁ କେବେ ହେଲେ ପ୍ରତିବାଦ କରିନି କି କଷ୍ଟ ହେଲା ବୋଲି ତୋତେ କେବେ କହିନି । କିନ୍ତୁ ଆଜି । ସେଦିନର ସେ ଚାପୁଡା ଓ କ୍ଷତଠାରୁ ତୋର ଏ ଦାଦାକୁ ପାଗଳ ଡାକଟା ବହୁତ କଷ୍ଟ ଦେଉଛି ।' 'ନାଇଁ ଦାଦା ମୁଁ ତ ତୁମକୁ କେବେ ପାଗଳ ବୋଲି ଡାକିନାହିଁ । ତମେ ତ ମୋ ଦାଦା ।' 'କିଏ ଦାଦା । କାହାର ଦାଦା । ମୁଁ ପାଗଳ । ମକରା ପାଗଳ । ଖାଲି ମକରା ପାଗଳ । ଚାଲିଯା, ଚାଲିଯା ଏଠୁ', ଏକଥା ସିଏ ବାରମ୍ବାର ବବ୍‌ଲୁକୁ କହିଛି । କିନ୍ତୁ ବବୁଲ୍ ଯାଇନି । ମକରା ରାଗିଯାଇଛି । 'ମୋର କେହି ନାହିଁ', କହିଛି । ଚିତ୍କାର କରିଛି । ଖୁବ୍ ଜୋର୍‌ରେ କାନ୍ଦିଛି । ତା' ମକରା ଦାଦାକୁ ଏମିତି ଅବସ୍ଥାରେ ଦେଖି ବବୁଲ୍ ଡରି ଯାଇଛି । ସିଏ କେବେ ତା' ଦାଦାକୁ ଏମିତି ଭାବରେ ଦେଖିନଥିଲା । ମକରାର ଏପରି ଅବସ୍ଥା ଦେଖି ତା'କୁ ଯେତିକି ଭୟ ଲାଗୁଥିଲା, ସେତିକି ଦୁଃଖ ବି ଲାଗୁଥିଲା । ମକରା ଆଖିର ଲୁହକୁ ଦେଖି ବବ୍‌ଲୁ ଆଖିରେ ବି ଲୁହ ଜକେଇ ଆସିଥିଲା । କିନ୍ତୁ ସେ ତା' ମନରେ ସାହାସ ସଞ୍ଚୟ କଲା । ବହୁଦିନ ଧରି ତା' ଦାଦାକୁ ପଚାରିବାକୁ ଚାହୁଁଥିବା ସେ ପ୍ରଶ୍ନ ବବ୍‌ଲୁ ସେଦିନ ପଚାରିଛି, 'ଦାଦା ତୁମେ ଯଦି ପାଗଳ ନୁହେଁ, ତାହା ହେଲେ ମୋର ଆଗର ଦାଦାପରି ହେଇଯାଉନ କାହିଁକି ? ତୁମେ ତ ଆଗରୁ ଏମିତି ନ ଥିଲ ? କ'ଣ ହୋଇଛି ତୁମର ? ମନ ହେଲେ କାନ୍ଦୁଛୁ । ମନ ହେଲେ ହସୁଛୁ । କାହିଁକି ଦାଦା ? କାହିଁକି ?' ବବ୍‌ଲୁର ଏ ପ୍ରଶ୍ନରେ ମକରା ପୁରାପୁରି ସ୍ତବ୍ଧ ହୋଇଯାଇଛି । ଯେଉଁ ପ୍ରଶ୍ନ ବବ୍‌ଲୁ ଆଜି ମକରାକୁ ପଚାରିଛି ସେ ପ୍ରଶ୍ନ ତା' ନିଜ ପୁଅ ତା'କୁ କେବେ ବି ପଚାରିନି, କି ଏ ଗାଁର କେହିବି ନୁହେଁ ? କେହିବି ତା'ର ଏ ଆଖିର ଲୁହକୁ ପଢିବାକୁ ଚେଷ୍ଟା କରିନାହାନ୍ତି । ହେଲେ ବବ୍‌ଲୁ, ସିଏ ତ ଖୁବ୍ ଛୋଟ ପିଲା ? ସିଏ କ'ଣ ଜାଣିପାରିଲା ତା'କୁ ? ବୁଝିପାରିଲା ତା' ଭାଷାକୁ ? ସେହି ମୁହୂର୍ତ୍ତରେ ବବ୍‌ଲୁ ସେ ପଦିଏ କଥାରେ ମକରା ଅନୁଭବ କରିଛି ଏତେ ଦିନ ପରେ କେହି ଜଣେ ତା'ର ନିଜର ହୋଇପାରିଛି ବୋଲି ଖୁବ୍ ତରଳି ଯାଇଛି ମକରା ବବ୍‌ଲୁର ସେ ମିଠା କଥାରେ । ବବ୍‌ଲୁକୁ ଧରି ଢେର୍ କାନ୍ଦିଲା, କାନ୍ଦି କାନ୍ଦି ପ୍ରକାଶ କଲା ତା' ହୃଦୟରେ ଲୁଚେଇ ରଖିଥିବା ସେହି ଅତୀତର ଦୁଃଖ ଭରା କାହାଣୀ, 'ଜାଣିଛୁ ଧ୍ୱଜ । ଲୋକେ ମୋତେ ଶ୍ରଦ୍ଧାରେ ମକରା ବୋଲି ଡାକନ୍ତି । କିନ୍ତୁ ଏବେ ? ଏବେ ମୁଁ ମକରା ପାଗଳ । ସମସ୍ତେ ମୋତେ ଶ୍ରଦ୍ଧାରେ ନୁହେଁ ଆକ୍ଷେପ କରି ଡାକୁଛନ୍ତି । କେହି କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି । ମୋର ଏ ପାଗଳାମି କ'ଣ ପାଇଁ ? କେହି କେବେ ମୋତେ ଟିକେ ସ୍ନେହ କରିନାହାନ୍ତି ।

କେହି ଆଦର କରିନାହାଁନ୍ତି । କେହି ଟିକେ ତାଙ୍କ ପାଖରେ ବସଉନାହାଁନ୍ତି । ସବୁବେଳେ ମାର୍‌ଧର । ତୁ କହିଲୁ କେହିବି ମୋତେ ସାହାଯ୍ୟ କରୁନାହାଁନ୍ତି କି ଚେଷ୍ଟା ବି କରୁନାହାଁନ୍ତି ମୋତେ ଭଲ କରିବା ପାଇଁ । ବରଂ ପାଗଳ ବୋଲି ଡାକି ନିଜର ବଡ ପଣିଆକୁ ସାର୍ଥକ କରିବାରେ ଲାଗିଛନ୍ତି ।'

ମୁଁ ମକରା ମୋର ଜନ୍ମ ନାଉଗାଁର ବାଲି ସାହିରେ । ପିଲାଟି ବେଳୁ ମୁଁ ଦାରିଦ୍ର୍ୟର ତାଡନାରେ ଜୀବନ ବଞ୍ଚିବା ଶିଖିଛି । ମୋର ସେଇ ଗୁଡିଆ ଦୋକାନର ଅଳ୍ପ ଆୟରେ ମୁଁ ଚଲଉଥିଲି ମୋର ଛୋଟିଆ ସଂସାର । ତୋ ଖୁଡୀ ଆଉ ବିଜୁଭାଇ ସେତେବେଳକୁ ଛ' କି ସାତ ବର୍ଷର ପିଲାଟି । ଏଇ ଦୁଇଜଣଙ୍କୁ ନେଇ ମୋର ଥିଲା ପରିବାର । ଖୁବ୍ ଖୁସିରେ ଥିଲୁ ଆମେ । କିନ୍ତୁ ସେଦିନର ସେ ରାତ୍ରିର ଅନ୍ଧକାର ସେ ଭୟଙ୍କର ଚିତ୍କାର ଆଜି ବି ମୋର ଏ କାନ ପାଖରେ ଗୁଣୁ ଗୁଣୁ ହେଉଛି । ଯାହାର ବେଦନା ଶୁଣି ଏ ଛାତି ଭିତରର କଲିଜା ଖଣ୍ଡ ଖଣ୍ଡ ହେଲା ପରି ଲାଗୁଛି ।' ମକରାର କଥାକୁ କିଛି ଭି ବିଝିପାରୁନଥିଲା ବବ୍‌ଲୁ । କିନ୍ତୁ ବେଶ୍ ଉତ୍କଣ୍ଠାରେ ଶୁଣୁଥିଲ । ତା' ଦାଦା ମକରାର କଥାକୁ । ଆଉ ପଚାରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ । 'ଦାଦା କେଉଁ ଅନ୍ଧାର ?, କାହାର ଚିତ୍କାର ?, ତୁମେ ଯାହା କହୁଛ ମୁଁ କିଛି ବୁଝିପାରୁନି ।' 'ବୁଝିପାରିବୁ ସବୁ ବିଝିପାରିବୁ । ମୁଁ ବି ପ୍ରଥମେ ପ୍ରଥମେ କିଛି ବୁଝିପାରିନଥିଲି । କିନ୍ତୁ ଏବେ ? ଏବେ ମୁଁ ସମସ୍ତଙ୍କୁ ବୁଝିଛି ସମସ୍ତଙ୍କୁ ଚିହ୍ନିସାରିଛି ।' କାକାକୁ ବୁଝିବାର କି ଚିହ୍ନିବାର ବାକିନାହିଁ ବବ୍‌ଲୁ ଆଗରେ ଏଇତକ କହି ପୁଣି ମକରା କାନ୍ଦି ପକେଇଲା ।

'ଦାଦା ତୁମେ ପୁଣି କାନ୍ଦିଲ । କୁହନା ସେ ଅନ୍ଧକାରରେ ତୁମେ କାହାର ଚିତ୍କାର ଆଜି ବି ଶୁଣିପାରୁଛ ? କାହାର କୋଉ ଅନ୍ଧକାର',ସ ବବ୍‌ଲୁ ପଚାରିଲା ।

'ସେ ଅନ୍ଧକାର ଆଉ କାହା ଜୀବନରେ ନୁହେଁ ସେଦିନ ମୋ ଜୀବନରେ ଆସିଥିଲା । ସେ ଚିତ୍କାର ଆଉ କାହାର ନଥିଲା । ତୋ' ମୀନା ଖୁଡୀର ଥିଲା । ମୋ' ପୁଅ ଛଅ କି ସାତ ବର୍ଷର କଅଁଳା ଶିଶୁଟିର ଥିଲା । ହେଲେ ସେମାନେ କ'ଣ ଶୁଣିଲେ କେହିବି ଶୁଣିଲେନି । ଯେଉଁ ମଣିଷକୁ ମୁଁ ବିଶ୍ୱାସ କଲି ବନ୍ଧୁ ବୋଲି ଭାବିଥିଲି । ସେହି ମାନେ ହିଁ ମୋ ବିଶ୍ୱାସରେ ବିଷ ଦେଇ ଦେଲେ । ଛାଡିଲେନି ମୋ ରୋଗିଣା ସ୍ତ୍ରୀକୁ ଶୁଣିପାରିଲେନି ନିଷ୍ପାପ ଶିଶୁଟିର କ୍ରନ୍ଦନ ସ୍ୱର । କେତେ ନେହୁରା ନ ହେଇଛି କିନ୍ତୁ ଶୁଣିଲେନି । ଗୋଟି ଗୋଟି କରି ତିନିଜଣ ଯାକ ମଣିଷରୁ ସେଦିନ ପଶୁ ପାଲଟି ଗଲେ । ଖାଲି ପଶୁ ନୁହେଁ ତ ସେମାନେ ଅତ୍ୟ' ଦୁର୍ଦ୍ଦା', ଅମାନବିକ ଓ ଖୁବ୍ ଭୟଙ୍କର ନରରୂପୀ ପିଶାଚ ଭଳି ଦେଖାଯାଉଥିଲେ ସେଦିନ ମୋରି ଆଖି ସାମ୍ନାରେ ମୋ ରୋଗିଣା ସ୍ତ୍ରୀକୁ ସେମାନେ ଶାରିରୀକ ନିର୍ଯ୍ୟାତନା ଦେଇ ଚାଲିଲେ ଶୋଷି ଚାଲିଲେ ତା'ର ପ୍ରତ୍ୟେକ ଲହୁକୁ । ସବୁଦେଖି ସବୁଶୁଣି ମଧ୍ୟ ମୁଁ ନିରୁପାୟ । ସେମାନେ ଶୁଣିପାରୁନଥାନ୍ତି ମୋ ପିଲାଟାର ବିକଳ ଚିତ୍କାର ଆଉ ମୋର ବିନମ୍ର ଅନୁରୋଧ । କିଛି ସମୟରେ ସବୁକିଛି ନିସ୍ତବ୍ଧ ହୋଇଗଲା । ଯେମିତି ଲାଗୁଥିଲା ରାତ୍ରିର ଅନ୍ଧକାରରେ ଆସିଥିବା ସେ ଅକସ୍ମାତ ଝଡ଼ଟି କେବଳ ମୋରି ଘର ଭାଙ୍ଗିବା ପାଇଁ ଆସିଥିଲାରେ ବବୁଲ୍ । ସବୁକିଛି ମୋର ମାଟିରେ ମିଶେଇ ଦେଇ ରାତି ନପାହୁଣୁ ଚାଲିଗଲାରେ ।'

'ନିଶ୍ଚିତ ଭୟାଳୁ କିମ୍ବା କାପୁରୁଷ ହୋଇଥିବେ । ନହେଲେ କ'ଣ ସେଇ ଅନ୍ଧକାରରେ ଆସି ଅନ୍ଧକାରରେ ଉଭେଇ ଯାଇଥା'ନ୍ତେ ।'

ରାତି ଯାଇ ସକାଳ ହେଲା ସମସ୍ତେ ନୀରବ । କେହି ହେଲେ କିଛି ବି ଜାଣିପାରିଲେନି କ'ଣ ଘଟିଗଲା ମୋ' ଜୀବନରେ ପୁରାପୁରି ନିସ୍ତବ୍ଧ ପାଲଟି ଯାଇଥିବା ମୋ' ସଂଜ୍ଞାହୀନ ସ୍ତ୍ରୀକୁ ଆଉ ମୋତେ ବଜାରର କିଛି ଲୋକ ସେଦିନ ମେଡିକାଲ ନେଇ ଆସିଲେ । ମେଡିକାଲରେ ତୋ ଖୁଡୀ ଅନେକ କିଛି କହିବାକୁ ଚାହୁଁଥିଲା । କିନ୍ତୁ କିଛି କହିବା ପୂର୍ବରୁ ହିଁ ଉପରୁ ଚାଲିଗଲା । ବହୁତ ଦୁରକୁ ଚାଲିଗଲାରେ । ମୋତେ ଏକୁଟିଆ କରି ସବୁଦିନ ପାଇଁ ଚାଲିଗଲା । ସେମାନେ ତା'କୁ ମାରିଦେଲେ ମୁଁ ସେମାନଙ୍କର କିଛି ଭି କରିପାରିଲିନି କି ତୋ ଖୁଡୀକୁ ବଞ୍ଚାଇ ପାରିଲି ନାହିଁ ।


ଖୁସିରେ କଟେଇଥିବା ମୋ ପରିବାର ସହିତ ସେ ଦିନଗୁଡାକ ମନେ ପଡିଗଲେ ମୁଁ ହସେ । ମୋ' ବିଜୁ ମୋ'ଠୁ ଅଲଗା ହୋଇଯାଇଛି । ମୋ ସ୍ତ୍ରୀ ମୋତେ ଛାଡି ସବୁଦିନ ପାଇଁ ଚାଲିଯାଇଛି । ସେ ରାତିର ଗର୍ଜନ ଆଉ ଚିତ୍କାର ମନେ ପଡିଗଲେ ମୋତେ ବହୁତ କଷ୍ଟ ହୁଏରେ । ଏ ସବୁରୁ ମୁଁ ମୁକ୍ତ ହେବାକୁ ଚାହେଁ । ବବ୍‌ଲୁ! ମୁକ୍ତ ମୁଁ ହେବାକୁ ଚାହେଁ । କିନ୍ତୁ ଭୁଲିପାରେନି, ମନେ ମନେ ଖୁବ୍ କାନ୍ଦେ, ଚିତ୍କାର କରେ କିନ୍ତୁ କେହିବି ବୁଝିପାରନ୍ତି ନାହିଁ ।

ସେହି ଦିନଠାରୁ ମୁଁ ହେଲି ପାଗଳ । ମୋତେ ମୋ ପୁଅ ପାଖକୁ ଯିବା ମନା । ତା' ସହିତ କଥା ହେବା ମନା । ଏବେ ସିନା ସିଏ ବାହା ହୋଇ ଘର ସଂସାର କଲାଣି କିନ୍ତୁ ଯେତେବେଳେ ସିଏ ଛୋଟଟେ ଥିଲା । ମା'କୁ ନ ପାଇ କାନ୍ଦୁଥିଲା । ସେତେବେଳେ କେତେଥର ଇଛା ହେଉଛି ତା'କୁ ଟିକେ ଛାତିରେ ଧରି ଗେଲ କରିବାକୁ କିନ୍ତୁ ଦିଆହୋଇନି ମୋତେ ସେ ଅଧିକାର କି ସୁଯୋଗ । ତୁ କହ ବବୁଲ୍ ମୁଁ ତା'ର ବାପା । ମୋର କ'ଣ ସେ ଅଧିକାର ନାହିଁ ? ହଁ ଅଛି । କିନ୍ତୁ ଏ ଲୋକମାନେ କହିଲେ ମୁଁ କୁଆଡେ ତା'ର ବାପା ନୁହେଁ । ମୁଁ ଗୋଟେ ପାଗଳ । ମୋ ସାଙ୍ଗରେ ରହିଲେ ସିଏ କୁଆଡେ ପାଗଳ ହୋଇଯିବ । ତେଣୁ ସେହି ଦିନଠାରୁ ମିନାକ୍ଷୀ ତା'କୁ ତା' ପାଖରେ ରଖିଲା । ତା'ଭଲ ମନ୍ଦ ସବୁ ସେ ହିଁ ବୁଝିଲା ।

ମୋ ଜୀବନ ଆଉ ଘରର ଚାରିକାନ୍ଥ ଭିତରେ ରହିଲା ନାହିଁ । ରହିଲା ରାସ୍ତା କଡରେ ପାଖ ବଜାରରେ, ଅଇଁଠା ପତ୍ର ସ୍ଥାନରେ ଆଉ ବେଳେ ବେଳେ ଗୁହାଳ ଭିତରେ । ସବୁବେଳେ ଲୁହାର ଶିକୁଳିରେ ଏହି ହାତ ଗୋଡ ମୋର ବନ୍ଧା । ଭାରି କଷ୍ଟ ହଉଛିରେ ଗୋଡରେ ମଶାଟିଏ କି ମାଛିଟିଏ ବସିଲେ ଏହାତ ଯାଇପାରୁନି କି ହାତରେ ଖଣ୍ଡିଆଟିଏ ହୋଇଗଲେ, ତା'କୁ ମଲମ ଲଗେଇ ପାରୁନି । କେହି ହେଲେ ବି ମୋ ହାତକୁ ସାହାସ କରି ଖାଇବା ଟିକେ ଦଉନାହାଁନ୍ତି । ମୋ ହାତ ବହୁତ ଆସନା, ମୋତେ ଟିକେ ଖୁଆଇ ବି ଦଉନାହାଁନ୍ତି । ଖାଇବା ଦେବାର ଯଦି ଇଛା ନାହିଁ ନ ଦିଅ, ଏ ବୁଢାଟା ନଖାଇ ନପିଇ ଯେତେ ଜଲ୍‌ଦି ମିରବ ସେତେ ଜଲ୍‌ଦି ତମ ରାସ୍ତାରୁ ଗୋଟେ କଣ୍ଟା ଯିବ । ଏଠି ସେଠି ଖାଇବାକୁ କାହିଁ ଫୋପାଡି କି ଦଉଛ ଯେ, କେମିତି ଖାଇବି ? ଆସନା ଲାଗିବନି ? ତମେ କ'ଣ ପତ୍ରଟିଏ ନ ପକେଇଲେ କି ଥାଳିଟିଏ ନ ଥୋଇଲେ ଖାଇବା ଖାଉଛ ? ତା' ହେଲେ ମୋତେ ତୁମେ କାହିଁକି ଏମିତି କରୁଛ ? ମୁଁ ତ ତମକୁ କେବେ ମାଡ ମାରିନି କି ଟେକା ପକେଇନି । ମୋତେ ତୁମେ କାହିଁକି ମାରୁଛ ? ମୋତେ କାହିଁ ଟେକା ପକାଉଛ । ଦେଖି ବବ୍‌ଲୁ ମୋ ଦେହ ସାରା କେତେ ଖଣ୍ଡିଆ, ପୋକ ବସିଲେଣି । ମୋତେ କଷ୍ଟ ହେଉଛି ହେଲେ କେହି ମୋତେ ଟିକେ ଅନଉ ନାହାଁନ୍ତି କି ଆଦର କରୁନାହାଁନ୍ତି । ତୋ ଦେହରେ ଯେତେବେଳେ ଖଣ୍ଡିଆ ହୋଇଯାଏ ତୋତେ ତୋ ମା' ମଲମ ଲଗେଇ ଦିଅନ୍ତି । ତୋ ଆଖିରୁ ଲୁହ୍ ଝରିଲେ ତାଙ୍କ ପଣତରେ ତୋ ଲୁହକୁ ପୋଛି ଦିଅନ୍ତି । ହେଲେ ମୋତେ, ମୋତେ ଯେତେବେଳେ କଷ୍ଟ କି ଯନ୍ତ୍ରଣା ହୁଏ ମୁଁ ନ ସହିପାରିଲେ ବହୁତ କାନ୍ଦେ । ମୋ ଲୁହ ପୋଛିବା ତ ଦୂର କଥା ମୋ ପାଖକୁ ବି କେହି ଆସନ୍ତିନାହିଁ ଏ ଲୋକମାନେ ମୋତେ ଦେଖି ଖାଲି ଠୋ ଠୋ ହୋଇ ହସନ୍ତି । ମୋ କଥାକୁ ପରିହାସ କରନ୍ତି । ପୁଅ ବଡହୋଇ ଘର କଲାଣି । ମୋତେ ଘର ଭିତରକୁ ଯିବା ମନା । ବାରଣ୍ଡାରେ ଯଦି ଟିକେ ବସିଥାଏ ମୋ ବୋହୂ ମୋତେ ଖୁବ୍ ମାରେ । ପୁଅ କିଛି ଭି କହେନାହିଁ । ବାରମ୍ବାର ମୋତେ ଯା' ଯା' କହି ଘଉଡାଇଦିଏ । ଭୋକରେ ବିକଳ ହୋଇ ମୁଁ ଯେତେବେଳେ ଖାଇବା ମାଗେ ସେତେବେଳେ କିଏ ଫୋପାଡେ ଶୁଖିଲା ରୁଟି, ତ କିଏ ଦିଏ ପିଠିରେ ଲାଠି । ଏମିତି ଗଡିଚାଲିଛି ମୋ ଜୀବନ' ମକରା ପାଖରୁ ଏସବୁ ଶୁଣି ବବୁଲ୍ ବୁଝିପାରିଛି ତା' ମକରା ଦାଦାର ଭାଷାକୁ ଅନୁଭବ କରିଛି ତା' ହୃଦୟର ସେ ବ୍ୟଥାକୁ । ବବୁଲ୍ କାନ୍ଦି ପକାଇଛି ଖୁବ୍ ଜୋର୍‌ରେ । ଦାଦାକୁ ବୁଝେଇଛି । 'ଏଥର ତୁମକୁ କେହିବି ପାଟିକରିବେନି । କେହିବି ମାରିବେନି । ତୁମେ ପାଗଳ ନୁହେଁ ଦାଦା, ତୁମେ ପାଗଳ ନୁହେଁ, ତୁମେ ମଣିଷ ମୁଁ ତୁମର ଯତ୍ନ ନେବି, ମୋ ବୋଉକୁ ମୁଁ ବୁଝେଇବି । ତୁମେ ମୋର ସେଇ ମକରା ଦାଦା । ତୁମର ମଧ୍ୟ ବଞ୍ଚିବାର ଅଧିକାର ଅଛି । ଆମେ ଯେମିତି ବଞ୍ଚୁଛୁ । ତୁମେ ବି ସେମିତି ବଞ୍ଚିବ । ହଁ ହଁ ମୁଁ ସମସ୍ତଙ୍କୁ କହିବି ତୁମେ ପାଗଳ ନୁହେଁ । ତୁମେ ଆମ ମକୁଦାଦା । ବିଜୁଭାଇଙ୍କର ବାପା ।' ଏ କଥା ସିଏ ସମସ୍ତଙ୍କୁ କହିଛି । ତା' ପାଟିରୁ ଏସବୁ ଶୁଣି ସେହି ମୁହୂର୍ତ୍ତରେ ମକରା ଅନୁଭବ କରିଛି ସିଏ ସୁସ୍ଥ, ମନରେ ପାଇଛି ଖୁବ୍ ଆନନ୍ଦ, ଅନେକ ଆଶା କରିଛି । ନୂତନ ପ୍ରଭାତର ସୁନେଲୀ କିରଣକୁ ବବ୍‌ଲୁ ତ ବୁଝିଗଲା ମକରା ପାଗଳର ଭାଷାକୁ । ଖାଲି କ'ଣ ମକର, ସମାଜରେ ଏଇ ଭଳି ଅନେକ ଚରିତ୍ର ଅଛନ୍ତି, ସେମାନଙ୍କୁ ବଞ୍ଚିବାକୁ ଦିଅ । ସେମାନଙ୍କ ଭାଷାକୁ ବୁଝିବାକୁ ଚେଷ୍ଟାକର ଯେମିତି ବବୁଲ୍ ଆଗେଇ ଆସିଛି ନ ହେଲେ ମକରା ପରି ସମସ୍ତେ ଚାହିଁଥିବେ ଏକ ନୂତନ ସକାଳକୁ । ସିଏ ଜାଣିନାହାଁନ୍ତି । ସେ ସକାଳ ତାଙ୍କ ଜୀବନରେ ଆସିବ କି ନାହିଁ ।

ନିଳାଦ୍ରି ବିହାର, ନୂଆବଜାର, କଟକ

୦୦୦



ROUT CLASSES
For Mathematics
Only for CBSE
XI & XII Students
Briefly Focus on NCERT Books, R.D. SHARMA, NCERT Exemplar
Highly Personalised & Result Oriented Coaching
Special Classes for JEE Main & JEE Advance
ROUT CLASSES
Bomikhal, BJB Nagar, Satya Nagar (BBSR)
Sector-6, CDA, Arunodaya Nagar (CTC)

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୂଦତ୍ତ ଖ